Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 26

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 29 ଜୁନ୍ 2017 29 ଏହ୍‌ସାନ୍ 1396 ହି.ଶ 04 ଶୱ୍ୱାଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ^ଅ.ବ^କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର^ଅ.ବ^ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର^ଅ.ବ^ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ୟୌଯଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

ମୂଷା ଭଳି ହୁଅନାହିଁ । ଯିଏ ତଳକୁ ଯାଏ ବରଂ ଉଚ୍ଚରେ ଉଡୁଥିବା ପାରା ଭଳି ହୁଅ ଯିଏ ଆକାଶର ବିସ୍ତୃତ ଭୂମିକୁ ନିଜ ପାଇଁ ପସନ୍ଦ କରିଥାଏ । ତୁମେ ତୌବାର ବୟତ କରି (ଅର୍ଥାତ୍ ସମସ୍ତ ପାପରୁ ନିବୃତ ରହିବା ପାଇଁ ଦିକ୍ଷା ନେଇ) ପୁଣି ପାପ କର ନାହିଁ । ସାପ ପରି ହୁଅ ନାହିଁ, ଯିଏ କାତି ଛଡ଼ାଇ ସାରିବା ପରେ ଯୋଉ ସାପକୁ .ସେହି ସାପ ରହିଥାଏ । ପବିତ୍ର ହେବା ପାଇଁ ଚେଷ୍ଟା କର, ମନୁଷ୍ୟ ପବିତ୍ରତାକୁ ସେତେବେଳେ ପାଇଥାଏ ଯେତେବେଳେ ନିଜେ ପବିତ୍ର ହୋଇଥାଏ ।

# ହଜରତ ମସିହ ମଉଦ^ଆ.ସ^ଙ୍କ ନୀତି ବାଣୀ

ହେ ଇଶ୍ୱରପ୍ରେମୀ ଭକ୍ତଗଣ ! କାନ ଖୋଲ ଓ ଶୁଣ ଯେ ବିଶ୍ୱାସ ପରି କୌଣସି ବସ୍ତୁ ନାହିଁ । ବିଶ୍ୱାସ ହିଁ ପାପରୁ ମୁକ୍ତି ଦିଏ । ବିଶ୍ୱାସ ହିଁ ପୁଣ୍ୟ କରିବା ପାଇଁ ଶକ୍ତି ଦେଇଥାଏ । ବିଶ୍ୱାସ ହିଁ ଅଲ୍ଲାଃଙ୍କ ସତ୍ୟନିଷ୍ଠ ପ୍ରେମୀ ତିଆରି କରେ । ତୁମେ କଣ ବିନା ବିଶ୍ୱାସରେ ପାପକୁ ଛାଡ଼ି ପାରିବ (ପରିତ୍ୟାଗ କରିପାରିବ) ? ତୁମେ କଣ ବିନା ବିଶ୍ୱାସରେ ଶାନ୍ତି ପାଇପାରିବ । ତୁମେ କଣ ବିନା ବିଶ୍ୱାସରେ କୌଣସି ବାସ୍ତବିକ ପରିବର୍ତନ ଆଣିପାରିବ, ତୁମେ କଣ ବିନା ବିଶ୍ୱାସରେ କୌଣସି ପ୍ରକାରର ବାସ୍ତବିକ ଆନନ୍ଦ ପାଇପାରିବ । ତେଣୁ ମନେରଖ ଯେ ବିନା ବିଶ୍ୱାସରେ ତୁମେ ଅନ୍ଧକାରମୟ ଜୀବନରୁ ବାହାରିପାରିବ ନାହିଁ ଏବଂ ନା ତୁମକୁ ରୁହୁଲ୍-କୁଦୁସ୍ (ପବିତ୍ର ଆତ୍ମା) ମିଳିପାରିବ । ଯେଉଁମାନେ ବିଶ୍ୱାସ ଆଣିଛନ୍ତି ସେମାନଙ୍କୁ ଶୁଭେଚ୍ଛା । କାରଣ ସେମାନେ ହିଁ ଖୁଦାକୁ ଦେଖିପାରିବେ । ସେମାନଙ୍କୁ ମୋବାରକ (ଅଭିନନ୍ଦନ) ଯେଉଁମାନେ ଶଂକା ଓ ସନ୍ଦେହରୁ ମୁକ୍ତି ପାଇଗଲେ କାରଣ ସେହିମାନେ ହିଁ ପାପରୁ ବଂଚିଯିବେ (ମୁକ୍ତି ପାଇବେ) । ଅଭିନନ୍ଦନ ତୁମକୁ ଯେ ତୁମକୁ ବିଶ୍ୱାସର ଧନ ଦିଆଯାଇଅଛି, ତା ପରେ ତୁମ ପାପର ବିନାଶ ହେବ । ପାପ ଓ ବିଶ୍ୱାସ ଏକାଠି ଜମା ହୋଇପାରିବ ନାହିଁ । ତୁମେ କଣ ଏପରି ଗାତରେ ହାତ ପୁରାଇପାରିବ ଯାହା ଭିତରେ ତୁମେ ଏକ ବିଷଧର ସାପକୁ ରହିବାର ଦେଖୁଛ ? ତୁମେ କଣ ଏପରି ସ୍ଥାନରେ ଛିଡ଼ା ହୋଇ ରହିପାରିବ ଯେଉଁଠି ପାହାଡ଼ରୁ ବର୍ଷା ହେଉଥିବ ବା ବିଜୁଳି ମାରୁଥିବ ବା ଏକ ହିଂସ୍ର ବାଘର ଆକ୍ରମଣ କରିବାର ସ୍ଥାନ ଥିବ ବା ଏପରି ଏକ ସ୍ଥାନ ଥିବ ଯେଉଁଠି ଧ୍ୱଂସକାରୀ ତାଉନ (Plague) ଲୋକମାନଙ୍କ ବିନାଶ କରୁଥିବ । ପୁଣି ଯଦି ତୁମକୁ ଅଲ୍ଲାଃଙ୍କ ଉପରେ ସେହିପରି ବିଶ୍ୱାସ ଯେପରି ସାପ, ବିଜୁଳି, ବାଘ, ବା ତାଉନ୍ ଉପରେ ବିଶ୍ୱାସ ତେବେ ଏହା କଦାପି ହୋଇପାରିବ ନାହିଁ ଯେ ତୁମେ ତା'ବିପକ୍ଷରେ ରହି ତାର ଅବଜ୍ଞା କରି ଦଣ୍ଡର ରାସ୍ତା ଗ୍ରହଣ କରିବ ବା ତା'ଠାରୁ ସତ୍ୟନିଷ୍ଠ ଓ ପ୍ରେମର ସମ୍ପର୍କ ତୁଟାଇ ପାରିବ ।

ହେ ଲୋକମାନେ ! ଯେଉଁମାନେ ସତ୍ୟ ଓ ପୁଣ୍ୟ ଆଡ଼କୁ ଡ଼କାଯାଇଛ ତୁମେ ନିଶ୍ଚିତ ହୋଇଯାଅ ଯେତେବେଳେ ତୁମର ହୃଦୟ ବିଶ୍ୱାସରେ ଭରିଯିବ ସେତେବେଳେ ତୁମ ମଧ୍ୟରେ ଅଲ୍ଲାଃଙ୍କ ଆକର୍ଷଣ/ମୋହ ଜନ୍ମନେବ ଓ ତୁମେ ପାପର ଘୃଣିତ ଦାଗରୁ ପବିତ୍ର ହେବ । କଦାଚିତ ତୁମେ ଏହା କହିପାର ଯେ ଆମକୁ ବିଶ୍ୱାସ ହାସଲ ହୋଇଛି ବୋଲି । କିନ୍ତୁ ମନେରଖ ଯେ ଏହା ତୁମକୁ ଧୋକା ଲାଗିଛି । ବାସ୍ତବରେ ତୁମକୁ ଏହା ହାସଲ ହୋଇନାହିଁ କାରଣ ତାର ଉପକରଣ ହାସଲ ହୋଇନାହିଁ । ଏହାର ଅର୍ଥ ତୁମେ ପାପରୁ ବର୍ତିପାରିନାହିଁ । ତୁମେ ଆଗକୁ ଏପରି ପାଦ କାଢୁନାହିଁ ଯେପରି କାଢ଼ିବା କଥା । ତୁମେ ଏପରି ଡ଼ରୁନାହିଁ ଯେପରି ଡ଼ରିବା କଥା । ନିଜେ ବିଚାର କରି ଦେଖିନିଅ ଯେ ଯାହାକୁ ବିଶ୍ୱାସ ଅଛି ଯେ ଅମୁକ ଗାତରେ ସାପ ଅଛି ବୋଲି ସେ ସେହି ଗାତରେ କେବେ ହାତ ପୁରାଏ ? ଓ ଯାହାକୁ ବିଶ୍ୱାସ ଅଛି ଯେ ଅମୁକ ଖାଦ୍ୟରେ ବିଷ ଅଛି ବୋଲି, ସେ କଣ ତାକୁ ଖାଏ ? ସେହିପରି ଯିଏ ନିଶ୍ଚିତ ରୂପେ ଜାଣିଯାଏ ଯେ ଅମୁକ ବନସ୍ତରେ ଏକ ହଜାର ହିଂସ୍ର ସିଂହ ଅଛନ୍ତି ବୋଲି ତା ହେଲେ ତା ପାଦ କଣ କେବେ ଜାଣତ ଓ ଅଜାଣତରେ ସେହି ବନସ୍ତ ଆଡ଼କୁ ଅଗ୍ରସର ହେବ ? ତେଣୁ ତୁମର ହାତ, ତୁମର ପାଦ, ତୁମର କାନ ଓ ତୁମର ଆଖି କିପରି ପାପ କରିବା ପାଇଁ ସାହସ ବାନ୍ଧିବ ଯଦି ତୁମକୁ ଖୁଦା ଓ ହିସାବ ଦିନ ଉପରେ ବିଶ୍ୱାସ ଥିବ । ପାପ ବିଶ୍ୱାସ ଉପରେ ବିଜୟୀ ହୋଇପାରିବ ନାହିଁ ଏବଂ ତୁମେ ଯେତେବେଳେ ଏକ ଭଷ୍ମକାରୀ ଓ ନିଃଶେଷ କରିଦେଉଥିବା ନିଆଁକୁ ସାମନାରେ ଦେଖୁଥିବ ତେବେ ତୁମେ କଣ ସେହି ନିଆଁରେ ନିଜକୁ ପକାଇପାରିବ ? ବିଶ୍ୱାସର କାନ୍ଥ ଆକାଶ ପର୍ଯ୍ୟନ୍ତ ଲମ୍ବିଛି । ସଇତାନ ତା ଉପରେ ଚଢ଼ିପାରିବ ନାହିଁ । ପ୍ରତ୍ୟେକ ଯିଏ ପବିତ୍ର ହୋଇଛନ୍ତି ସେମାନେ ବିଶ୍ୱାସ ଦ୍ୱାରା ପବିତ୍ର ହୋଇଛନ୍ତି । ବିଶ୍ୱାସ ଦୁଃଖ ଉଠାଇବା ପାଇଁ ଶକ୍ତି ଦିଏ ଏପରିକି ଜଣେ ସମ୍ରାଟକୁ ସିଂହାସନରୁ ଓହ୍ଲାଇ ଦେଇ ଫକୀରର ବସ୍ତ୍ର ପିନ୍ଧାଇ ଦିଏ । ବିଶ୍ୱାସ ସବୁ ଦୁଃଖକୁ ସହଜ କରିଦିଏ । ବିଶ୍ୱାସ ଖୁଦାଙ୍କ ଦର୍ଶନ କରାଏ । ପ୍ରତ୍ୟେକ ପ୍ରାୟଶ୍ଚିତ (କଫାରା) ମିଛ, ପ୍ରତ୍ୟେକ (ଫିଦିଆ) ମୁକ୍ତି ପ୍ରତିଦାନ ମିଛ । ସମସ୍ତ ପବିତ୍ରତା ବିଶ୍ୱାସର ମାର୍ଗରୁ ଆସିଥାଏ, ସେ ବସ୍ତୁ ଯିଏ ପାପରୁ ମୁକ୍ତି ଦିଏ ଓ ଖୁଦାଙ୍କ ନିକଟତର କରାଏ, ସତ୍ୟବାଦୀତା ଓ ଦୃଢ଼ତାରେ ଫରିସ୍ତାଙ୍କଠାରୁ ମଧ୍ୟ ଆଗକୁ ବଢ଼ାଇଦିଏ, ତାହା ବିଶ୍ୱାସ ଅଟେ । ପ୍ରତ୍ୟେକ ଧର୍ମ ଯିଏ ବିଶ୍ୱାସର ସାମଗ୍ରୀ ଉପସ୍ଥାପନ କରେନାହିଁ ତାହା ମିଥ୍ୟା । ପ୍ରତ୍ୟେକ ଧର୍ମ ଯିଏ ବିଶ୍ୱାସ ମାଧ୍ୟମରେ ଅଲ୍ଲାଃଙ୍କୁ ଦେଖାଇପାରେ ନାହିଁ ତାହା ମିଥ୍ୟା । ପ୍ରତ୍ୟେକ ଧର୍ମ ଯା ଭିତରେ ପୁରୁଣା କାହାଣୀ ବ୍ୟତୀତ ଆଉ କିଛି ନାହିଁ ତାହା ମଧ୍ୟ ମିଥ୍ୟା ଅଟେ । ଖୁଦା ଯେପରି ପୂର୍ବରୁ ଥିଲା ବର୍ତମାନ ମଧ୍ୟ ସେପରି ଅଛି ଏବଂ ତାର ପ୍ରକୃତ (ଶକ୍ତି) ଯେପରି ପ୍ରଥମେ ଥିଲା ଏବେ ମଧ୍ୟ ସେପରି ଅଛି ଓ ସେ ଯେପରି ନିଜର ନିଦର୍ଶନମାନ ପ୍ରଥମେ ଦେଖାଉଥିଲା ଏବେ ମଧ୍ୟ ସେ ଶକ୍ତି ତାଙ୍କଠାରେ ବିଦ୍ୟମାନ । ତେବେ ତୁମେ ପୁଣି କାହିଁକି କାହାଣୀରେ ରାଜି ହେଉଛ । ସେ ଧର୍ମ ମୃତ ଯାହାର ଐଶ୍ୱରିକ ଚମତ୍କାରିତା କେବଳ କାହାଣୀ ଉପରେ ଆଧାରିତ । ଯାହାର ଭବିଷ୍ୟବାଣୀ କେବଳ କାହାଣୀ ଅଟେ । ଏବେ ସେ ଗୋଷ୍ଠି ମଧ୍ୟ ମୃତ ଯାହା ଉପରେ ଖୁଦାତାଲା ଅବତୀର୍ଣ୍ଣ ହେଉନାହାଁନ୍ତି ଓ ଯିଏ ବିଶ୍ୱାସ ମାଧ୍ୟମରେ ଖୁଦାଙ୍କ ହାତ ଦ୍ୱାରା ପବିତ୍ର ହୋଇନାହିଁ । ଯେପରି ମଣିଷ ଭୌତିକ ସ୍ୱାଦ ପାଇଁ କୌଣସି ବସ୍ତୁକୁ ଦେଖି ତା ପ୍ରତି ଆକର୍ଷଣ ହୋଇଥାଏ ସେହିପରି ମଣିଷ ଯେତେବେଳେ ଆଧ୍ୟାତ୍ମିକ ସ୍ୱାଦକୁ ବିଶ୍ୱାସ ମାଧ୍ୟମରେ ହାସଲ କରେ ସେତେବେଳେ ଖୁଦାଙ୍କ ଆଡ଼କୁ ଟାଣି ହୋଇଯାଏ ଓ ତାର ସୌନ୍ଦର୍ଯ୍ୟତାକୁ ଏପରି ମୁଗ୍ଧ କରିଦିଏ, ଫଳତଃ ସମସ୍ତ ବସ୍ତୁ ତା ପାଇଁ ତୁଛ ଦେଖାଯାଏ । ମଣିଷ ଯେତେବେଳେ ଖୁଦା ଓ ତାର ମହାନତା ଓ ତାର ପୁରସ୍କାର ଓ ଦଣ୍ଡ ବିଷୟରେ ନିଶ୍ଚିତ ରୂପେ ସୂଚନା ପାଇଥାଏ ସେତେବେଳେ ସେ ପାପରୁ ବଂଚିଥାଏ । ପ୍ରତ୍ୟେକ ଧୃଷ୍ଟତାର କାରଣ ଅଜ୍ଞାନତା । ଯେଉଁ ବ୍ୟକ୍ତି ଖୁଦାଙ୍କ ଅସ୍ତିତ୍ୱ ବିଷୟରେ ନିଶ୍ଚିତ ଜ୍ଞାନ ରଖିଥାଏ ସେ ଧୃଷ୍ଟତା ଆଚରଣ କରିପାରିବ ନାହିଁ । ଯଦି ଘରର ମାଲିକ ଏହା ଜାଣିଯାଏ ଗୋଟିଏ ନଇବଢ଼ିର ପାଣି ତା ଘର ଆଡ଼କୁ ବଢ଼ିଚାଲିଛି ବା ତାର ଘର ଚାରିପଟେ ନିଆଁ ଲାଗିଯାଇଛି କେବଳ ଅଳ୍ପ କିଛି ବାକି ଅଛି ତେବେ ସେ ସେହି ଘରେ ରହିପାରିବ ନାହିଁ । ତେବେ ପୁଣି ତୁମେ ଅଲ୍ଲାଃତାଲାଙ୍କ ପୁରସ୍କାର ଓ ଦଣ୍ଡ ବିଷୟରେ ନିଶ୍ଚିତ ରୂପେ ଜାଣିବାର ଦାବୀ କରି କାହିଁକି ନିଜର ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛ । ତେଣୁ ତୁମେ ଆଖି ଖୋଲ ଏବଂ ଖୁଦାଙ୍କ ସେହି ନିୟମକୁ ଦେଖ ଯାହା ସମଗ୍ର ସଂସାରରେ ପ୍ରସାରିତ । ମୂଷା ଭଳି ହୁଅ ନାହିଁ, ଯିଏ ତଳକୁ ଯାଇଥାଏ ବରଂ ଉଚ୍ଚ ଆକାଶରେ ଉଡୁଥିବା ପାରା ଭଳି ହୁଅ, ଯିଏ ଆକାଶର ବିଶାଳତାକୁ ନିଜ ପାଇଁ ପସନ୍ଦ କରିଥାଏ । ତୁମେ ତୌବାର ବୟତ କରି (ଅର୍ଥାତ:-ସମସ୍ତ ପାପରୁ ନିବୃତ ରହିବା ପାଇଁ ଦିକ୍ଷା ନେଇ) ପୁଣି ପାପ କର ନାହିଁ । ସାପ ପରି ହୁଅ ନାହିଁ ଯିଏ କାତି ଛଡ଼ାଇ ସାରିବା ପରେ ଯୋଉ ସାପକୁ ସେଇ ସାପ ହୋଇ ରହିଥାଏ । ପବିତ୍ର ହେବା ପାଇଁ ଚେଷ୍ଟାକର, ମଣିଷ ପବିତ୍ରତାକୁ ସେତେବେଳେ ପ୍ରାପ୍ତ କରେ ଯେବେ ନିଜେ ପବିତ୍ର ହୋଇଥାଏ । କିନ୍ତୁ ତୁମେ ଏହି (ନେମତ୍) କୃପା କିପରି ପାଇପାରିବ ? ଏହାର ଉତର ଖୁଦା ନିଜେ ଦେଇଛନ୍ତି । ପବିତ୍ର କୋରାନ୍‌ରେ କହୁଛନ୍ତି "ୱସ୍‌ତଇନୁ ବିସ୍ ସବ୍‌ରେ ୱସ୍ ସାଲାତି" ଅର୍ଥାତ୍:-ନମାଜ (ପ୍ରାର୍ଥନା) ଓ ଧୈର୍ଯ୍ୟ ମାଧ୍ୟମରେ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କର ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୬୬-୬୮)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ନିକାହ୍ ନିମନ୍ତେ ୱଲି (ଅଭିଭାବକ)ଙ୍କ ଅନୁମତି ଜରୁରୀ ଅଟେ ।

ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନିଜର ଖୁତ୍‌ବା ଯୁମା ତା-୮ ଏପ୍ରିଲ୍ ୨୦୧୬ ରେ କହୁଛନ୍ତି:-

“ବିଭାଘର ନିମନ୍ତେ ଯଦିଚ ଝିଅଙ୍କ ସମ୍ମତି ହେବା ଉଚିତ୍, ଯେପରି ଆଁ ହଜରତ୍ ସ:ଆ:ସ ସେମାନଙ୍କ ପସନ୍ଦକୁ ମଧ୍ୟ କାଏମ୍ ରଖିଛନ୍ତି କି ଝିଅର ଇଛା/ସମ୍ମତି ସାମିଲ୍ ହେବା ଆବଶ୍ୟକ । କିନ୍ତୁ ଇସ୍‌ଲାମ୍ ଏହା ମଧ୍ୟ ପ୍ରତିବନ୍ଧ ଲଗାଇଛି ଯେ ୱଲିଙ୍କ (ଅଭିଭାବକ) ବିନା ଅନୁମତିରେ ନିକାହ୍ (ବିବାହ) ଅନୁଚିତ୍ ।

ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ:-

“ଅଲ୍ଲାଃତାଲା ମସିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କଲେ ଓ ବାସ୍ତବିକ ଆପଣ ଆ:ସ ତାଙ୍କ ତରଫରୁ ଆସିଛନ୍ତି । ତେବେ ଆମ ଶରିୟତ୍ ଏହା କହେ (ଅର୍ଥାତ୍- ଇସ୍‌ଲାମ୍‌ର ଶରିୟତ୍ ଏହା କହେ) ଯେ ୱଲିଙ୍କ ବିନା ଅନୁମତିରେ କୌଣସି ନିକାହ୍ (ବିଭାଘର) ଉଚିତ୍ ନୁହେଁ । କେବଳ କୌଣସି ଏପରି ଅବସ୍ଥାରେ ଯାହାର ଅନୁମତି ଶରିୟତ୍ ନିଜେ ଦେଇଥିବ, ଏତତ୍ ବ୍ୟତୀତ ନୁହେଁ । ଯଦି ହେବ ତାହା ଅନୁଚିତ୍ ହେବ ଓ ଅଧାବିଧା ହେବ । ତେଣୁ ଆମର କର୍ତବ୍ୟ ଏହା ଅଟେ ଯେ ଆମେ ଏପରି ଲୋକଙ୍କୁ ବୁଝାଇବା ଯଦି ସେମାନେ ନବୁଝନ୍ତି ତେବେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରିଦିଅ ।

ଏ ପ୍ରକାରର ଘଟଣା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ମଧ୍ୟ କେବେ କେବେ ହୋଇଛି । ସୁତରାଂ ଜଣେ ଯବାନ୍ ଝିଅ ଜଣକୁ ବିଭାହେବା ପାଇଁ ଇଛା କଲେ କିନ୍ତୁ ତାଙ୍କ ବାପା ମନା କଲେ । ସେ ଦୁଇଜଣଯାକ ନଙ୍ଗଲ୍ (କାଦିଆନର ନିକଟବର୍ତୀ ସ୍ଥାନ) ଚାଲିଗଲେ ଏବଂ ସେଠାରେ ଜଣେ ମୁଲ୍ଲାଙ୍କ ପାଖରେ ନିକାହ ପଢ଼ାଇ ନେଲେ ଏବଂ କହି ଚାଲିଲେ ଯେ ତାଙ୍କର ବିଭାଘର ହୋଇଯାଇଛି ବୋଲି । ପୁଣି କାଦିଆନ୍ ଫେରି ଆସିଲେ । ଯେତେବେଳେ ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଜଣାପଡ଼ିଲା, ଆପଣ ସ:ଆ:ସ ସେ ଦୁଇଜଣଙ୍କୁ କାଦିଆନ୍‌ରୁ ବିତାଡ଼ିତ କରିଦେଲେ ଓ କହିଲେ ଯେ ଏହା ଶରିୟତ୍ ବିରୋଧି କାର୍ଯ୍ୟ ଅଟେ । କେବଳ ଝିଅର ସମ୍ମତିକୁ ଦେଖି ୱଲିଙ୍କ ବିନା ଅନୁମତିରେ ନିକାହ୍ କରିଛନ୍ତି । ସେଠି ମଧ୍ୟ ଝିଅ ରାଜିଥିଲା ଏବଂ କହୁଥିଲା ମୁଁ ଏହି ପୁରୁଷକୁ ବିବାହ କରିବି କିନ୍ତୁ ସେ ୱଲିଙ୍କ ବିନା ଅନୁମତିରେ ନିକାହ ପଢ଼ାଇଲେ । ତେଣୁ ହଜରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କୁ କାଦିଆନ୍‌ରୁ ବାହାର କରିଦେଲେ । ସେହିପରି (ସେଠି ସେ ଯୁଗରେ ଏପରି ଏକ ନିକାହ ହଜ୍‌ରତ୍ ମୁସ୍‌ଲେହ ମଉଦଙ୍କ ସମ୍ମୁଖରେ ମଧ୍ୟ ହୋଇଥିଲା । ଆପଣ ର:ଅ କହୁଛନ୍ତି ଯେ) ଏ ନିକାହ ମଧ୍ୟ ଅନୁଚିତ୍/ଅବୈଧ ଓ ଏହି କଥା ମୁଁ ଏ ସ୍ତ୍ରୀ ଲୋକ (ପୁଅର ମା)ଙ୍କୁ କହିଛି । ଜଣେ ସ୍ତ୍ରୀ ଲୋକ ଆସିଥିଲେ ଓ କହିଲେ ଯେ ଯେହେତୁ ଝିଅ ରାଜିଥିଲା ତେଣୁ ମୋ ପୁଅ ନିକାହ୍ କରିଲା ସେଥିରୁ କଣ ହୋଇଗଲା) ଆପଣ ର:ଅ କହିଲେ, ମୁଁ ତାଙ୍କୁ କହିଲି ଦେଖ ତୁମ ପୁଅକୁ ବନ୍ଧୁ ମିଳୁଛି ତେଣୁ ତୁମେ କହୁଛ ଯେ ଯଦି ଝିଅ ରାଜିଅଛି ତେବେ କୌଣସି ୱଲିଙ୍କ ଅନୁମତି ନେବା ଦରକାର ନାହିଁ । କିନ୍ତୁ ତୁମର ମଧ୍ୟ ଝିଅ ଅଛନ୍ତି । ଯଦି ସେମାନେ ବିବାହିତା ତେବେ ତାଙ୍କର ମଧ୍ୟ ଝିଅ ଥିବେ । ତେବେ ତୁମେ କଣ ଏହା ପସନ୍ଦ କରିବ ଯେ ସେମାନଙ୍କ ମଧ୍ୟରୁ କୌଣସି ଝିଅ ଏହିପରି ଘରୁ ବାହାରି ଯାଇ କୌଣସି ଅଚିହ୍ନା ପୁରୁଷ ସହିତ ଚାଲିଯାଉ” ।

**(ଉଦ୍ଧୃତ-ଖୁତ୍‌ବାତେ ମହ୍‌ମୁଦ୍ ଖଣ୍ଡ-୧୮, ପୃଷ୍ଠା-୧୭୫-୧୭୬)**

ସୁତରାଂ ଯେପରି ମୁଁ ପ୍ରଥମେ କହିସାରିଛି ଯେ ନା ତ ମା ବାପାଙ୍କୁ ଏପରି କଠୋର ହେବା ଉଚିତ୍ ଯେ ସେମାନେ ବିନା କୌଣସି କାରଣରେ ଓ ମିଛ ଆମ୍ ବଡ଼ିମା ନାମରେ ବନ୍ଧୁ ନ କରନ୍ତୁ ଓ ହତ୍ୟା ପରି ଜଘନ୍ୟ କାର୍ଯ୍ୟ କରିବାକୁ ନ ପଛାନ୍ତୁ । ଏବଂ ନା ହିଁ ଝିଅମାନଙ୍କୁ ଇସ୍‌ଲାମ୍ ଅନୁମତି ଦେଇଛି ଯେ ସେମାନେ ନିଜେ ଘରୁ ବାହାରି ଯାଇ ଅଦାଲତରେ ବା କୌଣସି ମୌଲବୀଙ୍କ ପାଖରେ ବିଭା ହୋଇଯାଆନ୍ତୁ ବା ନିକାହ ପଢ଼ାଇନିଅନ୍ତୁ । ଯଦି କିଛି ମଜବୁରି (ବିବଶତା) ଅଛି ତେବେ ଝିଅମାନେ ମଧ୍ୟ ଖଲିଫାଙ୍କୁ ଲେଖିପାରିବେ, ଖଲିଫା ଅବସ୍ଥାର ଅନୁଧ୍ୟାନ କରି ଯାହା ଉଚିତ୍ ଫଏସଲା କରିବେ (ତା ଉପରେ ଅମଳ ହେବ) ତେଣୁ ଝିଅମାନେ ଯଦି ଦୀନ୍ (ଧର୍ମ) କୁ ଦୁନିଆ (ସଂସାର) ଉପରେ ପ୍ରାଥମିକତା ଦେବେ ଏବଂ ପୁଅମାନେ ମଧ୍ୟ ଏହା ଆଖି ଆଗରେ ରଖିବେ ତେବେ ଅଲ୍ଲାଃତାଲା ମଧ୍ୟ କୃପା କରିବେ” ।

**(ଅଖ୍‌ବାର୍ ବଦର ୨୮, ଏପ୍ରିଲ୍ ୨୦୧୬, ପୃଷ୍ଠା-୫)**

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ୱଲେମା ଓ ମୋବଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୁୱର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ୱାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲସିଲ୍‌ର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୁରଣ କରି ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୁୱର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ । ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା-

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମୀୟ ଅହେମଦୀୟତ୍, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟ୍‌ରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୁୱର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବୋଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢ଼ଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ୍ ପୁରଣ କରାଇ ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com
Incharge Waqf-e-Nau Department
Office Waqf-e-Nau India (Nazarat Taleem)
M.T.A Building, Civil Line, Qadian
Dist-Gurdaspur, Punjab, India (PIN-143516)
Contact :- 01872-500975, 9988991775
(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତ)

# ଖୁତ୍‌ବା ଜୁମା

◆ମଣିଷ ଜୀବନରେ ଅନେକ ସମସ୍ୟା, ସାଂସାରିକ ଅସୁବିଧା ମଧ୍ୟ ଦେଇ ଅତିକ୍ରମ କରିଥାଏ । ପୁଣି କେତେକ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାଏ ଯେଉଁସ୍ଥଳେ କେବଳ ଧୈର୍ଯ୍ୟ ଧରିବା କିମ୍ବା ଚିତ୍କାର କରି ଲୁହ ଝରାଇ ତାହାକୁ ବରଦାସ୍ତ କରିବା ଛଡ଼ା ତାହା ନିକଟରେ ଅନ୍ୟ କୌଣସି ପନ୍ଥା ନଥାଏ । ପୁଣି କେତେକ ଏପରି ଥାନ୍ତି ଯେ ଏପରି ପରିସ୍ଥିତିରେ ନିଜର ମାନସିକ ଭାରସାମ୍ୟ ହରାଇ ବସିଥାନ୍ତି କିନ୍ତୁ ଅଲ୍ଲାଃଙ୍କର କିଛି ଏପରି ଭକ୍ତ ମଧ୍ୟ ଥାନ୍ତି ଯେ ଅଲ୍ଲାଃଙ୍କ ପ୍ରେରିତ ଦୂତଙ୍କୁ ସ୍ୱୀକାର କରିବା ଓ ତାଙ୍କ ଆଦେଶ ପାଳନ କରିବା କାରଣରୁ ସେମାନଙ୍କର ଧନ-ସମ୍ପତିର ଲୁଣ୍ଠନ ଓ ନଷ୍ଟ କରିବା ସହିତ ସେମାନଙ୍କୁ ମାନସିକ ଓ ଶାରୀରିକ କଷ୍ଟ ମଧ୍ୟ ବରଦାସ୍ତ କରିବାକୁ ପଡ଼ିଥାଏ । ଏପରି ପରିସ୍ଥିତିରେ ମଧ୍ୟ ସେମାନେ ଏହି ଦୁଆ ନିଶ୍ଚିତ କରିଥାନ୍ତି କି ହେ ଅଲ୍ଲାଃ ! ଏ ସମସ୍ତ କଷ୍ଟ ଆମେ ତୁମ ପ୍ରେରିତ ଦୂତଙ୍କୁ ସ୍ୱୀକାର କରିବା ଯୋଗୁଁ ସହ୍ୟ କରୁଅଛୁ । ତେଣୁ ତୁମେ ଆମର ଧୈର୍ଯ୍ୟର ସାମର୍ଥ୍ୟରେ ବୃଦ୍ଧି ଘଟାଅ ଏବଂ ସ୍ୱୟଂ ଆମ୍ଭର ସାହାଯ୍ୟ କର ତଥା ଏହି ଅତ୍ୟାଚାରୀମାନଙ୍କ କବଳରୁ ଆମକୁ ରକ୍ଷା କର ।

◆ଏହା ଅହେମଦି ଓ ଅଣଅହେମଦିମାନଙ୍କ ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ ଅଟେ । ଆମ୍ଭମାନଙ୍କୁ ଏପରି ଆଚରଣ କରିବା ଉଚିତ୍ କାରଣ ଆମ୍ଭେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଛେ ଯେ, ସାଂସାରିକ ପରୀକ୍ଷା ଓ ବିରୋଧୀମାନଙ୍କ ଶତ୍ରୁତାରେ ନା ଆମେ ଧୈର୍ଯ୍ୟହରା ହେବା ନା ନିଜ ବିଶ୍ୱାସରୁ ପଛଘୁଂଚା ଦେବା । ଆମ୍ଭେ ଏକଥା ବେଶ୍ ଭଲ ଭାବରେ ଜାଣୁ ଯେ, ଆମ୍ଭ ଦୁଃଖ କଷ୍ଟର ପ୍ରତିକାର କେବଳ ଅଲ୍ଲାଃଙ୍କ ନିକଟରେ ରହିଛି । ତେଣୁ ଆମେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ଜଣେ ସାଂସାରିକ ବ୍ୟକ୍ତି ପରି ଲୋକମାନଙ୍କ ନିକଟରେ ନୁହେଁ ବରଂ ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇଥାଉ ଏବଂ ତାଙ୍କରି ଠାରୁ ସାହାଯ୍ୟ ଭିକ୍ଷା କରିଥାଉ । ସେ ହିଁ ଆମ୍ଭ ଧୈର୍ଯ୍ୟ ଓ ଦୁଆର ପରିଣାମ ସ୍ୱରୂପ ଆମ ଦୁଃଖ କଷ୍ଟ ଦୂର କରିଥାନ୍ତି ଓ **(ଇନ୍‌ଶା ଅଲ୍ଲାଃ)** କରିବେ ।

◆ତୁମକୁ କାହାର ବ୍ୟକ୍ତିଗତ କିମ୍ବା ଜମାଅତର କୌଣସି ହରକତ ଦ୍ୱାରା କୌଣସି ପ୍ରକାର କଷ୍ଟ ପହଂଚେ ତେବେ ଯଦି ତୁମେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାର ଅଛି, ଯଦି ଅଲ୍ଲାଃଙ୍କ ଭଲପାଇବା ହାସଲ କରିବାର ଅଛି ତେବେ ହଜରତ ମହମ୍ମଦ ସ.ଆ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ଧୈର୍ଯ୍ୟ ଧରିବା ଦ୍ୱାରା ହିଁ ଅଲ୍ଲାଃଙ୍କ ସାନିଧ ଲାଭ ହୋଇଥାଏ । ଏକଦା ହଜୁର ସ.ଆ କହିଲେ ଯେତେବେଳେ ଅଲ୍ଲାଃଙ୍କ ଭକ୍ତ ଉପରେ ଅତ୍ୟାଚାର ହୁଏ ଓ ସେ ତାହର ପ୍ରତିବଦଳରେ ସଂଯମ ରକ୍ଷା କରେ ତେବେ ଅଲ୍ଲାଃତାଲା ତାହାକୁ ସମ୍ମାନ ପ୍ରଦାନ କରିଥାନ୍ତି ଏବଂ ଯାହାକୁ ସ୍ୱୟଂ ଅଲ୍ଲାଃତାଲା ସମ୍ମାନ ପ୍ରଦାନ କରନ୍ତି ତା'ଠାରୁ ବଳି ଗୌରବ ଆଉ ବା କ'ଣ ହୋଇପାରେ ଅତଏବ ଆଜି ବିଭିନ୍ନ ଦେଶରେ ଜମାଅତ ଅହେମଦିୟାର ସଦସ୍ୟମାନଙ୍କ ଉପରେ ଯେଭଳି ଅତ୍ୟାଚାର ଓ କଷଣର ବଜାର ଗରମ କରାଯାଉଛି, ଏପରି ପରିସ୍ଥିତିରେ ଆମକୁ ଆବଶ୍ୟକ କି ଆମେ ଧୈର୍ଯ୍ୟ ଓ ଦୁଆର ସହିତ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ତାଙ୍କର ସାହାର୍ଯ୍ୟ ଭିକ୍ଷା କରିବା ସେ ହିଁ ଅମାନ୍ୟକାରୀଙ୍କ ସରଦାର୍‌କୁ କବଳିତ କରି ଆମକୁ ସେମାନଙ୍କ ମନ୍ଦ ଯୋଜନାରୁ ରକ୍ଷା କରିବେ ।

◆ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯେତେବେଳେ ଆମେ ହଜରତ ମସିହ ମଉଦ ଆ.ସଙ୍କ ସଚ୍ଚୋଟ ଦାସଙ୍କୁ ସ୍ୱୀକାର କରିନେଲେ ସେତେବେଳେ ଆମକୁ ଆପଣା ଓ ପର ସମସ୍ତଙ୍କର ବିରୁଦ୍ଧାଚରଣ ସହ୍ୟ କରିବାକୁ ହେବ । ଅଣମୁସଲମାନମାନେ ତ ଏପରି ମୁକ୍ତ ଭାବରେ ଆମର ବିରୁଦ୍ଧାଚରଣ କରିନଥାନ୍ତି ଯେଭଳି ଇସଲାମର ପ୍ରାରମ୍ଭିକ ସମୟରେ ମୁସଲମାନମାନେ ବିରୁଦ୍ଧାଚରଣର ସମ୍ମୁଖୀନ ହେଉଥିଲେ, ବରଂ ଆଜି ଅଣମୁସଲମାନମାନେ ବେଶ୍ ଯୋଜନା ବଦ୍ଧ ଭାବରେ ବିରୁଦ୍ଧାଚରଣ କରୁଛନ୍ତି । ସେମାନଙ୍କର ମଧ୍ୟ ଆମକୁ ସାମନା କରିବାର ଅଛି । ହଜରତ ମସିହ ମଉଦ ଆ.ସ କୁହନ୍ତି- ଇସଲାମ ବିରୋଧୀମାନେ ଇସଲାମର ମୂଳୋତ୍ପାଟନ ନିମନ୍ତେ ଯେଉଁ ଅସ୍ତ୍ର ବ୍ୟବହାର କରୁଛନ୍ତି ସେହି ଅସ୍ତ୍ର ହିଁ ଆମ୍ଭକୁ ବ୍ୟବହାର କରିବାର ଅଛି ଅର୍ଥାତ ପତ୍ରିକା ବଣନ ଓ ଧର୍ମ ପ୍ରଚାରର ଅସ୍ତ୍ର । ପୁଣି ଯେତେବେଳେ ଅଣମୁସଲମାନ ଦେଶମାନଙ୍କରେ ଇସଲାମ ପ୍ରସାର ଲାଭ କରିବ ସେତେବେଳେ ସେମାନେ ଜମାଅତର ବିରୁଦ୍ଧାଚରଣ ମଧ୍ୟ କରିବେ ଏବଂ ସେମାନେ ଜାଣିପାରିବେ ଯେ ଜମାଅତ ଅହେମଦିୟା ଯେଉଁ ଧର୍ମ ପ୍ରଚାର କରୁଅଛି ତାହା ହିଁ ପ୍ରକୃତ ଇସଲାମ ଏବଂ ତାହା ପ୍ରସାର ଲାଭ କରିଚାଲିଛି ଓ ଏହା ଦିନେ ନିଶ୍ଚୟ ବିଜୟୀ ହେବ ଏବଂ ଏହା ହିଁ ଧାର୍ଯ୍ୟ ରହିଛି ଯେ, ଜମାଅତ ଅହେମଦିୟା ଦ୍ୱାରା ଇସଲାମ ପ୍ରସାର ଲାଭ କରିବ ।

◆କିନ୍ତୁ ଜମାଅତର ସଦସ୍ୟମାନଙ୍କୁ ମନେରଖିବା ଉଚିତ୍ ଯେ, ଧୈର୍ଯ୍ୟର ସହ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିଚାଲିବା । ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ନିଜ ନମାଜ ଓ ଉପାସନାର ସୁରକ୍ଷା କରିବା ପ୍ରତ୍ୟେକ ଅହେମଦିଙ୍କର କର୍ତବ୍ୟ ଏବଂ ଏହା ହିଁ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହେବାରେ ସବୁଠାରୁ ଅଧିକ ସହାୟ ହୋଇଥାଏ ।

◆ପି ପି ନାଜିମୁଦ୍ଦିନ୍ ସାହେବ ପଙ୍ଗାଡ଼ୀ, ଯିଏ କେରଳ ନିବାସୀ ଥିଲେ । ତାଙ୍କର ନମାଜ ଯନାଜାଃ ଗାଏବ ପାଠ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୨ ମଇ ୨୦୧୭ ଅନୁଯାୟୀ ୧୨ ହିଜ୍‌ରତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ - بِسْمِ اللهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ଉକ୍ତ ପଙ୍କ୍ତି ପାଠ କଲେ - **ୟାଅୟୁହଲ୍ ଲଜିନା ଆମନୁସ୍ ତଇନୁ ବିସ୍ ସବ୍‌ରି ଓସ୍ ସଲାତ୍ । ଇନ୍ନଲ୍ଲାହା ମାଆସ୍ ସାବିରିନ୍**

ଅର୍ଥାତ ହେ ଲୋକମାନେ ! ଯେଉଁମାନେ ବିଶ୍ୱାସ ସ୍ଥାପନ କରିଅଛ ଧୈର୍ଯ୍ୟ ଓ ପ୍ରାର୍ଥନା ଦ୍ୱାରା ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କର । ଅଲ୍ଲାଃ ବାସ୍ତବରେ ଧୈର୍ଯ୍ୟଶୀଳଙ୍କ ସହିତ ଥାନ୍ତି ।

ମଣିଷ ଜୀବନରେ ଅନେକ ସମସ୍ୟା, ସାଂସାରିକ ଅସୁବିଧା ମଧ୍ୟ ଦେଇ ଅତିକ୍ରମ କରିଥାଏ । ପୁଣି କେତେକ ସମୟରେ ଏଭଳି ପରିସ୍ଥିତିର

ସମ୍ମୁଖୀନ ହୋଇଥାଏ ଯେଉଁସ୍ଥଳେ କେବଳ ଧୈର୍ଯ୍ୟ ଧରିବା କିମ୍ବା ଚିତ୍କାର କରି ଲୁହ ଝରାଇ ତାହାକୁ ବରଦାସ୍ତ କରିବା ଛଡ଼ା ତାହା ନିକଟରେ ଅନ୍ୟ କୌଣସି ପନ୍ଥା ନଥାଏ । ପୁଣି କେତେକ ଏପରି ଥାନ୍ତି ଯେ ଏପରି ପରିସ୍ଥିତିରେ ନିଜର ମାନସିକ ଭାରସାମ୍ୟ ହରାଇ ବସିଥାନ୍ତି କିନ୍ତୁ ଅଲ୍ଲାଃଙ୍କର କିଛି ଏପରି ଭକ୍ତ ମଧ୍ୟ ଥାନ୍ତି ଯେ ଅଲ୍ଲାଃଙ୍କ ପ୍ରେରିତ ଦୂତଙ୍କୁ ସ୍ୱୀକାର କରିବା ଓ ତାଙ୍କ ଆଦେଶ ପାଳନ କରିବା କାରଣରୁ ସେମାନଙ୍କର ଧନ-ସମ୍ପତିର ଲୁଣ୍ଠନ ଓ ନଷ୍ଟ କରିବା ସହିତ ସେମାନଙ୍କୁ ମାନସିକ ଓ ଶାରୀରିକ କଷ୍ଟ ମଧ୍ୟ ବରଦାସ୍ତ କରିବାକୁ ପଡ଼ିଥାଏ । ଏପରି ପରିସ୍ଥିତିରେ ମଧ୍ୟ ସେମାନେ ଏହି ଦୁଆ ନିଶ୍ଚିତ କରିଥାନ୍ତି କି ହେ ଅଲ୍ଲାଃ ! ଏ ସମସ୍ତ କଷ୍ଟ ଆମେ ତୁମ ପ୍ରେରିତ ଦୂତଙ୍କୁ ସ୍ୱୀକାର କରିବା ଯୋଗୁଁ ସହ୍ୟ କରୁଅଛୁ । ତେଣୁ ତୁମେ ଆମର ଧୈର୍ଯ୍ୟର ସାମର୍ଥ୍ୟରେ ବୃଦ୍ଧି ଘଟାଅ ଏବଂ ସ୍ୱୟଂ ଆମ୍ଭର ସାହାଯ୍ୟ କର ତଥା ଏହି ଅତ୍ୟାଚାରୀମାନଙ୍କ କବଳରୁ ଆମକୁ ରକ୍ଷା କର । ତୁମ ଖାତିର ଆମେ ଯେଉଁ ପରୀକ୍ଷା ମଧ୍ୟ ଦେଇ ଅତିକ୍ରମ କରୁଅଛୁ ସେଥିରେ ଆମ୍ଭକୁ ଦୃଢତା ପ୍ରଦାନ କର । ଅହେମଦିମାନେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଯୋଗୁଁ ବାସ୍ତବରେ ବହୁ କଷ୍ଟ ସହ୍ୟ କରୁଛନ୍ତି । ସମ୍ଭବତଃ ତାହା ଅନ୍ୟମାନଙ୍କ ଦୃଷ୍ଟିରେ ପୁରାତନ ଯୁଗରେ ଧର୍ମ ଯୋଗୁଁ କଷ୍ଟ ସହ୍ୟ କରୁଥିବା ଲୋକମାନଙ୍କ ଘଟଣାବଳୀ ଓ କାହାଣୀ ସଦୃଶ ହୋଇପାରେ । ପୁଣି ଆଉ କେତେକ ଗୋଷ୍ଠୀ କିମ୍ବା ଦଳ କହିପାରନ୍ତି ଯେ, ଆମ୍ଭେ ମଧ୍ୟ ଧର୍ମ ଯୋଗୁଁ ବିରୁଦ୍ଧାଚରଣ ଓ ଶତ୍ରୁତାର କଷ୍ଟ ସହ୍ୟ କରୁଅଛୁ । ଯେତେବେଳେ କି କେବଳ ଅହେମଦିମାନେ ହିଁ ସେହି ନମୁନା ପ୍ରଦର୍ଶନ କରିଥାନ୍ତି କି ଏପରି ବିରୁଦ୍ଧାଚରଣ ସତ୍ୱେ କଦାପି କୌଣସି ପ୍ରକାରର ନିୟମ ଭଙ୍ଗ କରିନଥାନ୍ତି ଏବଂ ଅତ୍ୟାଚାରର ପ୍ରତିବଦଳରେ ଧୈର୍ଯ୍ୟର ସହ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ତାଙ୍କରି ଠାରୁ ସାହାର୍ଯ୍ୟ ଭିକ୍ଷା କରିଥାନ୍ତି । ଏହା ଅହେମଦି ଓ ଅଣଅହେମଦିମାନଙ୍କ ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ ଅଟେ । ଆମ୍ଭମାନଙ୍କୁ ଏପରି ଆଚରଣ କରିବା ଉଚିତ୍ କାରଣ ଆମ୍ଭେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଛେ ଯେ, ସାଂସାରିକ ପରୀକ୍ଷା ଓ ବିରୋଧୀମାନଙ୍କ ଶତ୍ରୁତାରେ ନା ଆମେ ଧୈର୍ଯ୍ୟହରା ହେବା ନା ନିଜ ବିଶ୍ୱାସରୁ ପଛଘୁଂଚା ଦେବା । ଆମ୍ଭେ ଏକଥା ବେଶ୍ ଭଲ ଭାବରେ ଜାଣୁ ଯେ, ଆମ୍ଭ ଦୁଃଖ କଷ୍ଟର ପ୍ରତିକାର କେବଳ ଅଲ୍ଲାଃଙ୍କ ନିକଟରେ ରହିଛି । ତେଣୁ ଆମେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ଜଣେ ସାଂସାରିକ ବ୍ୟକ୍ତି ପରି ଲୋକମାନଙ୍କ ନିକଟରେ ନୁହେଁ ବରଂ ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇଥାଉ ଏବଂ ତାଙ୍କରି ଠାରୁ ସାହାଯ୍ୟ ଭିକ୍ଷା କରିଥାଉ । ସେ ହିଁ ଆମ୍ଭ ଧୈର୍ଯ୍ୟ ଓ ଦୁଆର ପରିଣାମ ସ୍ୱରୂପ ଆମ ଦୁଃଖ କଷ୍ଟ ଦୂର କରିଥାନ୍ତି ଓ (**ଇନ୍ନଶା ଅଲ୍ଲାଃ**) କରିବେ ।

ସୁତରାଂ ଏ ଅଟନ୍ତି ଆମର ଦୟାଳୁ କୃପାଳୁ ଅଲ୍ଲାଃ ଯେ ଜଣେ ମୋମିନର ଛୋଟରୁ ଛୋଟ ଆବଶ୍ୟକତା ମଧ୍ୟ ପୂରଣ କରିଥାନ୍ତି । ଜଣେ ଧୈର୍ଯ୍ୟଶୀଳ ତଥା ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେଉଥିବା ମୋମିନ୍ ସର୍ବଦା ଅଲ୍ଲାଃଙ୍କଠାରୁ ସୁସ୍ୱାଦ ହିଁ ସୁସ୍ୱାଦ ପ୍ରାପ୍ତ କରିଥାଏ । ଏକଦା ହଜରତ ମହମ୍ମଦ ସ.ଆ ଧୈର୍ଯ୍ୟ ଓ ଦୁଆର ଗୁରୁତ୍ୱ ତଥା ତାହାର ପ୍ରତିବଦଳରେ ଅଲ୍ଲାଃଙ୍କ (ଉତମ) ଆଚରଣର ଚର୍ଚ୍ଚା କରି କହିଲେ- ଅଲ୍ଲାଃଙ୍କ ମାର୍ଗରେ ବହୁଥିବା ରକ୍ତ ବୁନ୍ଦା ଓ ରାତ୍ରିରେ ଜଣେ ନଫିଲ୍ ପାଠକାରୀର ଅଲ୍ଲାଃଙ୍କ ଭୟରେ ଆଖିରୁ ଝରି ପଡୁଥିବା ଅଶ୍ରୁ ବୁନ୍ଦା ଠାରୁ ବଳି ଅଲ୍ଲାଃଙ୍କୁ ଅନ୍ୟ କିଛି ପସନ୍ଦ ନୁହେଁ । ନା ଅଲ୍ଲାଃଙ୍କୁ ମଣିଷର ଧୈର୍ଯ୍ୟ ଧରିବା ଠାରୁ ବଳି ଅନ୍ୟଥା କୌଣସି ଜିନିଷ ଅଧିକ ପସନ୍ଦ ଅଟେ ।

ସୁତରାଂ ତୁମକୁ କାହାର ବ୍ୟକ୍ତିଗତ କିମ୍ବା ଜମାଅତର କୌଣସି ହରକତ ଦ୍ୱାରା କୌଣସି ପ୍ରକାର କଷ୍ଟ ପହଂଚେ ତେବେ ଯଦି ତୁମେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାର ଅଛି, ଯଦି ଅଲ୍ଲାଃଙ୍କ ଭଲପାଇବା ହାସଲ କରିବାର ଅଛି ତେବେ ହଜରତ ମହମ୍ମଦ ସ.ଆ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ଧୈର୍ଯ୍ୟ ଧରିବା ଦ୍ୱାରା ହିଁ ଅଲ୍ଲାଃଙ୍କ ସାନିଧ ଲାଭ ହୋଇଥାଏ । ଏକଦା ହଜୁର ସ.ଆ କହିଲେ ଯେତେବେଳେ ଅଲ୍ଲାଃଙ୍କ ଭକ୍ତ ଉପରେ ଅତ୍ୟାଚାର ହୁଏ ଓ ସେ ତାହର ପ୍ରତିବଦଳରେ ସଂଯମ ରକ୍ଷା କରେ ତେବେ ଅଲ୍ଲାଃତାଲା ତାହାକୁ ସମ୍ମାନ ପ୍ରଦାନ କରିଥାନ୍ତି ଏବଂ ଯାହାକୁ ସ୍ୱୟଂ ଅଲ୍ଲାଃତାଲା ସମ୍ମାନ ପ୍ରଦାନ କରନ୍ତି ତା'ଠାରୁ ବଳି ଗୌରବ ଆଉ ବା କ'ଣ ହୋଇପାରେ ଅତଏବ ଆଜି ବିଭିନ୍ନ ଦେଶରେ ଜମାଅତ ଅହେମଦିୟାର ସଦସ୍ୟମାନଙ୍କ ଉପରେ ଯେଭଳି ଅତ୍ୟାଚାର ଓ କଷଣର ବଜାର ଗରମ କରାଯାଉଛି, ଏପରି ପରିସ୍ଥିତିରେ ଆମକୁ ଆବଶ୍ୟକ କି ଆମେ ଧୈର୍ଯ୍ୟ ଓ ଦୁଆର ସହିତ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ତାଙ୍କର ସାହାର୍ଯ୍ୟ ଭିକ୍ଷା କରିବା ସେ ହିଁ ଅମାନ୍ୟକାରୀଙ୍କ ସରଦାର୍‌କୁ କବଳିତ କରି ଆମକୁ ସେମାନଙ୍କ ମନ୍ଦ ଯୋଜନାରୁ ରକ୍ଷା କରିବେ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯେତେବେଳେ ଆମେ ହଜରତ ମସିହ ମଉଦ ଆ.ସଙ୍କ ସଚ୍ଚୋଟ ଦାସଙ୍କୁ ସ୍ୱୀକାର କରିନେଲେ ସେତେବେଳେ ଆମକୁ ଆପଣା ଓ ପର ସମସ୍ତଙ୍କର ବିରୁଦ୍ଧାଚରଣ ସହ୍ୟ କରିବାକୁ ହେବ । ଅଣମୁସଲମାନମାନେ ତ ଏପରି ମୁକ୍ତ ଭାବରେ ଆମର ବିରୁଦ୍ଧାଚରଣ କରିନଥାନ୍ତି ଯେଭଳି ଇସଲାମର ପ୍ରାରମ୍ଭିକ ସମୟରେ ମୁସଲମାନମାନେ ବିରୁଦ୍ଧାଚରଣର ସମ୍ମୁଖୀନ ହେଉଥିଲେ, ବରଂ ଆଜି ଅଣମୁସଲମାନମାନେ ବେଶ୍ ଯୋଜନା ବଦ୍ଧ ଭାବରେ ବିରୁଦ୍ଧାଚରଣ କରୁଛନ୍ତି । ସେମାନଙ୍କର ମଧ୍ୟ ଆମକୁ ସାମନା କରିବାର ଅଛି । ହଜରତ

ମସିହ ମଉଦ ଆ.ସ କୁହନ୍ତି- ଇସଲାମ ବିରୋଧୀମାନେ ଇସଲାମର ମୂଳୋତ୍ପାଟନ ନିମନ୍ତେ ଯେଉଁ ଅସ୍ତ୍ର ବ୍ୟବହାର କରୁଛନ୍ତି ସେହି ଅସ୍ତ୍ର ହିଁ ଆମ୍ଭକୁ ବ୍ୟବହାର କରିବାର ଅଛି ଅର୍ଥାତ ପତ୍ରିକା ବଣ୍ଟନ ଓ ଧର୍ମ ପ୍ରଚାରର ଅସ୍ତ୍ର । ପୁଣି ଯେତେବେଳେ ଅଣମୁସଲମାନ ଦେଶମାନଙ୍କରେ ଇସଲାମ ପ୍ରସାର ଲାଭ କରିବ ସେତେବେଳେ ସେମାନେ ଜମାଅତର ବିରୁଦ୍ଧାଚରଣ ମଧ୍ୟ କରିବେ ଏବଂ ସେମାନେ ଜାଣିପାରିବେ ଯେ ଜମାଅତ ଅହେମଦିୟା ଯେଉଁ ଧର୍ମ ପ୍ରଚାର କରୁଅଛି ତାହା ହିଁ ପ୍ରକୃତ ଇସଲାମ ଏବଂ ତାହା ପ୍ରସାର ଲାଭ କରିଚାଲିଛି ଓ ଏହା ଦିନେ ନିଶ୍ଚୟ ବିଜୟୀ ହେବ ଏବଂ ଏହା ହିଁ ଧାର୍ଯ୍ୟ ରହିଛି ଯେ, ଜମାଅତ ଅହେମଦିୟା ଦ୍ୱାରା ଇସଲାମ ପ୍ରସାର ଲାଭ କରିବ । କିନ୍ତୁ ବର୍ତମାନ ପ୍ରତ୍ୟେକ ସ୍ଥାନରେ ମୌଲବୀମାନେ ଆମର ବିରୁଦ୍ଧାଚରଣରେ ସର୍ବ ପ୍ରଥମ । ପୁଣି ସେମାନେ ସେହିପରି ଅତ୍ୟାଚାର କରୁଛନ୍ତି ଯେମିତି ପୂର୍ବ କାଳରେ ଧାର୍ମିକ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା । ବର୍ତମାନ ରାଜନେତାମାନେ ଭୋଟ ହାତେଇବା ଓ ଶସ୍ତା ମର୍ଯ୍ୟାଦା ହାସଲ କରିବା ଆଶାରେ ମୌଲବୀମାନଙ୍କ ଅନୁସରଣ କରୁଛନ୍ତି, ନଚେତ୍ ସେମାନଙ୍କୁ ତ ଧର୍ମର ମୂଳଚୁଳ ହିଁ ଜଣା ନାହିଁ । ଇସଲାମର ମର୍ଯ୍ୟାଦା ରକ୍ଷା ନାମରେ ଅହେମଦିମାନଙ୍କ ଉପରେ ଆକ୍ରମଣ କରିବା ସହିତ ଆମ ବିରୁଦ୍ଧରେ ବିଧାନସଭାରେ ନୂତନ ନୀୟମ ପ୍ରସ୍ତୁତ କରି ତାହାକୁ ପାସ୍ କରାଇବାର ପ୍ରୟାସ କରୁଛନ୍ତି । ପାକିସ୍ତାନ ଅଧିକୃତ କାଶ୍ମୀର ରାଜ୍ୟରେ ମଧ୍ୟ ମୌଲବିମାନଙ୍କ ପ୍ରଭାବରେ ସେଠାକାର ବିଧାନସଭାରେ ଅହେମଦିମାନଙ୍କୁ ଅଣମୁସଲମାନ ସାବ୍ୟସ୍ତ କରାଯାଇଛି । ସେ ଯାହା ହେଉ ସେମାନଙ୍କର ଯାହା ଇଚ୍ଛା କରନ୍ତୁ, ଦେଖ ପାକିସ୍ତାନର ସଂସଦରେ ଅହେମଦିମାନଙ୍କୁ ଅଣମୁସଲମାନ ଘୋଷଣା କରାଗଲା, କ'ଣ ଏହା ଦ୍ୱାରା ଜମାଅତର ଉନ୍ନତି ଓ ବିକାଶରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଅଲ୍ଲାଃଙ୍କ କୃପାରୁ ଜମାଅତ ପ୍ରତିଦିନ ଉନ୍ନତିର ନୂତନ ସୋପାନମାନ ଚଢିଚାଲିଛି । କିନ୍ତୁ ଜମାଅତର ସଦସ୍ୟମାନଙ୍କୁ ମନେରଖିବା ଉଚିତ୍ ଯେ, ଧୈର୍ଯ୍ୟର ସହ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିଚାଲିବା । ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ନିଜ ନମାଜ ଓ ଉପାସନାର ସୁରକ୍ଷା କରିବା ପ୍ରତ୍ୟେକ ଅହେମଦିଙ୍କର କର୍ତବ୍ୟ ଏବଂ ଏହା ହିଁ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହେବାରେ ସବୁଠାରୁ ଅଧିକ ସହାୟ ହୋଇଥାଏ ।

ପୁଣି ଉପଦ୍ୱୀପମାନଙ୍କରେ ଜମାଅତର ବିରୁଦ୍ଧାଚରଣ ହେଉଅଛି । କ୍ରମାଗତଭାବରେ ବଙ୍ଗଳାଦେଶରେ, ଇଣ୍ଡୋନେସିଆ ଓ ଆରବ ଆଦି ଦେଶମାନଙ୍କରେ ମଧ୍ୟ ଜମାଅତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଗତ ଦିନ ବଙ୍ଗଳାଦେଶର ମେମନ ସିଙ୍ଗ ଜିଲ୍ଲାର ଶଭାଇ ଗ୍ରାମରେ ଆମ ମସଜିଦ୍ ଉପରେ ଆକ୍ରମଣ କରାଗଲା ମୌଲବିମାନେ ମିଳିତ ଭାବରେ ଆମ ମୁରବୀ ଶ୍ରୀମାନ ମୁସ୍ତଫିଜୁର ରହେମାନ୍ ସାହେବଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି କ୍ଷତ ବିକ୍ଷତ କରିଦେଲେ ଏବଂ ଏପରି ନିର୍ମମ ଭାବରେ ବାରମ୍ବାର ଆଘାତ କରିଥିଲେ ଯେ, ତାଙ୍କର ସମ୍ପୂର୍ଣ୍ଣ ଶରୀର ଖିନଭିନ୍ ହୋଇଯାଇଥିଲା । ପେଟର ଏପରି ସ୍ଥାନରେ ଆଘାତ କରିଥିଲେ ଯେ ତାଙ୍କର ଫୁସଫୁସ୍ ବାହିରି ଆସିଥିଲା । ସେମାନେ ତାଙ୍କର ବେକରେ ମଧ୍ୟ ଆଘାତ କରିଥିଲେ କିନ୍ତୁ ଅଲ୍ଲାଃଙ୍କ କୃପାରୁ ଜୀବନ ନାଡିକା କଟିନଥିଲା । ପ୍ରତ୍ୟକ୍ଷଦର୍ଶୀ କୁହନ୍ତି ତାଙ୍କ ଶରୀରର ପ୍ରତ୍ୟେକ ଅଙ୍ଗରୁ ରକ୍ତର ସୁଅ ଛୁଟି ଚାଲିଥିଲା । ତେବେ ସେଠାରେ ପୋଲିସ୍ ପହଂଚି ତାଙ୍କୁ ସଙ୍ଗେସଙ୍ଗେ ଡ଼ାକ୍ତରଖାନା ପହଂଚାଇଥିଲେ । ତାପରେ ଜମାଅତର ସଦସ୍ୟମାନେ ମଧ୍ୟ ପହଂଚି ଥିଲେ, ଖୁଦାମମାନେ ତାଙ୍କୁ ରକ୍ତ ଦେବାରୁ ଏବଂ ଅଲ୍ଲାଃଙ୍କ କୃପାରୁ ଠିକ୍ ସମୟରେ ଦକ୍ଷ ଡ଼ାକ୍ତରଙ୍କ ସତ୍ୱାବଧାନରେ ବହୁ ଘଣ୍ଟାର ଅସୋପଚାର ପରେ ତାଙ୍କ ଅବସ୍ଥା ନିୟନ୍ତ୍ରଣାଧିନ ରହିଛି । କିନ୍ତୁ ସେ ସମ୍ପୂର୍ଣ୍ଣ ରୂପେ ସଂକଟରୁ ବାହାରି ନାହାନ୍ତି । ଯଦିଓ ତାଙ୍କର ଚେତା ଫେରି ଆସିଛି କିନ୍ତୁ କଥା କହିପାରୁ ନାହାନ୍ତି, ଯାହା ଲେଖି ଜଣାଉଛନ୍ତି ସେଥିରେ ମଧ୍ୟ ଜଣେ ମୋମିନ୍‌ର ପ୍ରମାଣ ମିଳୁଅଛି କି କିଭଳି ସେ ଅନ୍ୟମାନଙ୍କ ପାଇଁ ଚିନ୍ତିତ । ଯେମିତିକି ସେ ଲେଖିଲେ ଅମକ ମୁରବୀ ସାହେବଙ୍କର ସୁରକ୍ଷା ବ୍ୟବସ୍ଥା କରନ୍ତୁ କାରଣ ତାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି ଏବଂ ସେ ନିଜ ପିତାମାତାଙ୍କ ପାଇଁ ଚିନ୍ତିତ ଥିଲେ । ଅଲ୍ଲାଃତାଲା ତାଙ୍କୁ ଶୀଘ୍ର ସ୍ୱାସ୍ଥ୍ୟବାନ କରିବା ସହିତ ଦୀର୍ଘଜୀବୀ କରାନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- କେତେକ ଲୋକଙ୍କ ସମ୍ବନ୍ଧରେ ମୋତେ ଅଭିଯୋଗ ମିଳୁଅଛି କି ସେମାନେ ସୋସିଆଲ୍ ମିଡ଼ିଆରେ ମୌଲବିମାନଙ୍କ ସହ ଧର୍ମ ସମ୍ବନ୍ଧୀୟ ତର୍କ କିମ୍ବା ମୁନାଜିରା କଲାବେଳେ ଏଭଳି କଠୋର ଭାଷା ପ୍ରୟୋଗ କରୁଛନ୍ତି ଯାହାକି ଆମ ରୀତିନୀତି ବିପରୀତ ଅଟେ । ଆଉ କେତେକ ମୋତେ ଲେଖିଛନ୍ତି କି କେତେକ ଅହେମଦି ତ ବିରୋଧୀମାନଙ୍କୁ ଏଭଳି ଖରାପ ଭାଷା ଓ ଗାଳିଗୁଲଜ କରୁଛନ୍ତି ଯେ ଶୁଣିଲେ ଦୁଃଖ ଲାଗୁଛି କି କ'ଣ ଏମାନେ ଅହେମଦି ? ଯଦି ଏହା ସତ୍ୟ ଅଟେ ତେବେ ମୁଁ ଏପରି ଅହେମଦିମାନଙ୍କୁ କହିବାକୁ ଚାହେଁ ଯେ ସେମାନେ ଧର୍ମ ପ୍ରଚାର କରିବାରୁ ନିବୃତ ରୁହନ୍ତୁ । କାରଣ ଏପରି ପ୍ରଚାର କରିବା ଅଲ୍ଲାଃଙ୍କ ନିକଟବର୍ତୀ କରିବା ପରିବର୍ତେ ସେମାନଙ୍କ ପାଇଁ ଅଲ୍ଲାଃଙ୍କ କୋପ ଟାଣି ଅଣିଥାଏ । ହଜରତ ମସିହ ମଉଦ ଆ.ସଙ୍କର ଏହି କଥା ସର୍ବଦା ମନେରଖିବା ଉଚିତ୍ । ଯେମିତି ଆପଣ କୁହନ୍ତି- **ତୁମ୍ଭମାନଙ୍କୁ ବାରମ୍ବାର (ହିତ) ଉପଦେଶ ଦେବା ନିମନ୍ତେ ମୋତେ ଆଦେଶ ଦିଆଯାଇଛି । ଦେଖ ସମସ୍ତ ପ୍ରକାରର ବିଭ୍ରାଟ, ବିଶୃଙ୍ଖଳାରୁ ନିଜକୁ ନିବୃତ ରଖ ଏବଂ ଗାଳିଗୁଲଜ ଶୁଣିବାପରେ ମଧ୍ୟ ଧୈର୍ଯ୍ୟ ଧର । ଅନିଷ୍ଟ ଓ ଅପକର୍ମର ଉତର ଉତମ ବ୍ୟବହାର, ସତ୍‌କର୍ମ ମାଧ୍ୟମରେ ଦିଅ । ଯଦି କେହି**

**ବିଭ୍ରାଟ ସୃଷ୍ଟି କରନ୍ତି ତେବେ ତୁମ୍ଭ ପାଇଁ ଉଚିତ୍ ଯେ ତୁମ୍ଭେ ସେହି ସ୍ଥାନରୁ ଦୂରେଇଯାଅ ଓ ନମ୍ର ଆଚରଣ କର ।** ଏପରି ବାରମ୍ବାର ଘଟିଥାଏ କି ଜଣେ ବେଶ୍ ଦୃଢ଼ତାର ସହ ବିରୁଦ୍ଧାଚରଣ କରିଥାଏ ଏବଂ ଏଥିରେ ଏଭଳି ବିଶୃଙ୍ଖଳିତ ମାର୍ଗ ଅବଲମ୍ବନ କରିଥାଏ, ଯେଉଁଥିରେ ଶ୍ରୋତାର ସଂଯମ ଭଙ୍ଗ ହୋଇ ଉତେଜିତ ହେବା ସ୍ୱଭାବିକ୍ । କିନ୍ତୁ ଯେତେବେଳେ ସାମନାରୁ ନମ୍ର ଓ କୋମଳ ଉତର ମିଳିଥାଏ ଏବଂ ଗାଳିର ମୁକାବିଲା କରାଯାଏ ନାହିଁ ସେତେବେଳେ ଉକ୍ତ ବ୍ୟକ୍ତି ହିଁ ଲଜ୍ଜିତ ହୋଇଥାଏ । ଅତଏବ ଆମ୍ଭର ଶିକ୍ଷା ତ ଏହିକି ଯେ, ଗାଳିର ଉତର ମଧ୍ୟ ନମ୍ର ଭାଷାରେ ପ୍ରଦାନ କର । **ମନେରଖ ଧୈର୍ଯ୍ୟ ହିଁ ହୃଦୟ ଜୟ କରିଥାଏ ।** ହଜୁର ଆ.ସ କୁହନ୍ତି ମୋତେ ଏକଥା ଶୁଣିଲେ ବହୁତ କଷ୍ଟ ହୋଇଥାଏ କି ଅମକ ବ୍ୟକ୍ତି ଆମ ଜମାଅତର ହୋଇ ମଧ୍ୟ କାହା ସହ ଝଗଡ଼ା କଲେ । ସୁତରାଂ ଆମ୍ଭକୁ ମନେରଖିବା ଉଚିତ୍ ଯେ ଯଦି ଆମର କୌଣସି ବ୍ୟକ୍ତି ସୋସିଆଲ୍ ମିଡ଼ିଆରେ ଖରାପ ଓ କଠୋର ଭାଷାର ପ୍ରୟୋଗ କରୁଛନ୍ତି ତେବେ ସେ ଭୁଲ୍ କରୁଛନ୍ତି । ଏପରି ସେ ଗୋଟିଏ ପାପ କରୁ ନାହିଁ ବରଂ ଏପରି କର୍ମ କରି ଜମାଅତରେ ନୂତନ ପ୍ରବେଶକାରୀଙ୍କୁ ଅହେମଦିୟତ୍ ଠାରୁ ଦୂରେଇବାର ସେ ମାଧ୍ୟମ ସାଜୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସ ଆମ୍ଭକୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ବୁଝାଇଛନ୍ତି କି ଆମ୍ଭକୁ ଧୈର୍ଯ୍ୟ ଧାରଣ କରିବା ଉଚିତ୍ । ଆପଣ କୁହନ୍ତି ମୋତେ ଲୋକେ ଗାଳି ଦେଉଛନ୍ତି କିନ୍ତୁ ମୁଁ ତାହାର ତିଳେ ହେଲେ ମଧ୍ୟ ଖାତିର କରୁ ନାହିଁ ନା ଏପରି ବ୍ୟକ୍ତିମାନଙ୍କ ଉପରେ ମନ ଦୁଃଖ କରିଥାଏ କାରଣ ସେମାନଙ୍କର ତ ମୋ ମୁକାବିଲା କରିବାର ଶକ୍ତି ନାହିଁ ତେଣୁକରି ନିଜ ଅସମର୍ଥ ଓ ପ୍ରମାଣ ଶୂନ୍ୟତାକୁ ଢାଙ୍କିବାକୁ ଯାଇ ଗାଳିଗୁଲଜର ମାର୍ଗ ଆପଣାଇଛନ୍ତି । ପୁଣି ମୋତେ ଅମାନ୍ୟକାରୀ ଘୋଷଣା କରିବା ସହିତ ମୋ ନାମରେ ମିଥ୍ୟା ମୁକଦ୍ଦମା, କିସମ କିସମର ମିଥ୍ୟା ଆରୋପ ଲଗାଇବାରେ ନିଜର ସମସ୍ତ ଶକ୍ତି ବିନିଯୋଗ କରୁଛନ୍ତି କିନ୍ତୁ ଶେଷରେ ନିଷ୍ପତି କାହା ସପକ୍ଷରେ ହେଲା । ଯଦି ମୁଁ ସେମାନଙ୍କ ଗାଳିଗୁଲଜ ସମ୍ବନ୍ଧରେ ଚିନ୍ତା କରେ ତେବେ ଅଲ୍ଲାଃ ମୋତେ ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ତାହା ସମ୍ପାଦନ କରିବା ଅସମ୍ଭବ ହୋଇଯିବ । ଅତଏବ ଯେଉଁସ୍ଥଳେ ମୁଁ ସେମାନଙ୍କ ଗାଳିଗୁଲଜ ପ୍ରତି ଧ୍ୟାନ ଦେଉ ନାହିଁ ସେଠାରେ ନିଜ ମାନ୍ୟକାରୀମାନଙ୍କୁ ମଧ୍ୟ ଉପଦେଶ ପୂର୍ବକ କହୁଅଛି କି ସେମାନେ ଏପରି ମନ୍ଦ କଥା ଶୁଣିବା ମାତ୍ରେ ଧୈର୍ଯ୍ୟ ରକ୍ଷା କରନ୍ତୁ । କଦାପି ଗାଳିର ଉତର ଗାଳି ଦ୍ୱାରା ଦିଅନ୍ତୁ ନାହିଁ । କାରଣ ଏତତ୍ ଦ୍ୱାରା ବରକତ୍ ଉଠିଯାଇଥାଏ, ଧୈର୍ଯ୍ୟ ଓ ବରଦାସ୍ତ ମାଧ୍ୟମରେ ନିଜର ଉତମ ଆଚରଣ ପ୍ରଦର୍ଶନ କର । **ମନେରଖ ବୁଦ୍ଧି ଓ ଉତେଜନା ମଧ୍ୟରେ ଭୀଷଣ ଶତ୍ରୁତା ରହିଛି ଯେତେବେଳେ ମଣିଷ ଉତେଜିତ ଓ ବିରକ୍ତ ହୋଇଥାଏ ସେତେବେଳେ ତାହାର ମତି ଭ୍ରଷ୍ଟ ହୋଇଥାଏ କିନ୍ତୁ ଯେ ଧୈର୍ଯ୍ୟ ଓ ବରଦାସ୍ତ କରେ ତାହାକୁ ଏକ ଆଲୋକ ପ୍ରଦାନ କରାଯାଇଥାଏ ।** ଯଦ୍ୱାରା ତାହାର ବୁଦ୍ଧି ଓ ଚିନ୍ତା ଶକ୍ତିରେ ଏକ ରକମର ଆଲୋକ ଉତ୍ପନ୍ନ ହୋଇଥାଏ । ପୁଣି ଆଲୋକରୁ ଆଲୋକ ଉତ୍ପନ୍ନ ହୁଏ କିନ୍ତୁ ଉତ୍ୟକ୍ତ ଓ ଉତେଜନା ସମୟରେ ବୁଦ୍ଧି ଓ ହୃଦୟରେ ଅନ୍ଧକାର ମାଡ଼ିଯାଏ ଏବଂ ଅନ୍ଧାରରୁ ଅନ୍ଧାର ହିଁ ଉତ୍ପନ୍ନ ହୋଇଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯଦି ବୁଦ୍ଧି ଓ ଚିନ୍ତା ଶକ୍ତିରେ ଅଭିବୃଦ୍ଧି ଘଟାଇ ହୃଦୟ ଓ ମସ୍ତିଷ୍କରେ ଦିବ୍ୟାଲୋକ ଉତ୍ପନ୍ନ କରିବାର ଅଛି ତେବେ ପ୍ରତିମୁହୂର୍ତରେ ଉତ୍ୟକ୍ତ ହେବାରୁ ନିଜକୁ ନିବୃତ ରଖିବା ଆବଶ୍ୟକ । ତେବେଯାଇ ଆମ୍ଭ ଉପରେ ଅଲ୍ଲାଃଙ୍କ କୃପା ଅଧିକରୁ ଅଧିକ ବର୍ଷଣ ହେବ । ସୁତରାଂ ନିଜ ଅମଲ ସଂଶୋଧନ କରିବା ସହିତ ସର୍ବଦା ଅଲ୍ଲାଃଙ୍କ ଗୁଣଗାନ କର କଦାପି ଏଥିରେ ଅବହେଳା କର ନାହିଁ । ଯେମିତି ଦୌଡୁଥିବା ଶିକାର ନିମିତ ମାତ୍ର ଅଳସୁଆମି କଲେ ଶିକାରୀ ହାତ ମୁଠାକୁ ଆସିଯାଇଥାଏ । ସେହିପରି ଅଲ୍ଲାଃଙ୍କ ଗୁଣଗାନ କରିବାରେ ଅବହେଳାକାରୀ ସଇତାନର ଶିକାର ହୋଇଯାଏ । ହଜୁର ଆ.ସ କୁହନ୍ତି- ସର୍ବଦା କ୍ଷମା ପ୍ରାର୍ଥନା କରିବାକୁ ଜୀବିତ ରଖ, ତାହାକୁ କଦାପି ମରିବାକୁ ଦିଅ ନାହିଁ । ବହୁତ କ୍ଷମା ପ୍ରାର୍ଥନା କର, ମନେରଖ ଶରୀରର ଯେଉଁ ଅଂଶ କାର୍ଯ୍ୟରତ ଥାଏ ତାହା ହିଁ ସୁସ୍ଥ ଓ ସବଳ ରହିଥାଏ କିନ୍ତୁ ଯେଉଁ ଅଙ୍ଗକୁ ବେକାର ଛାଡ଼ିଦିଆଯାଏ ତାହା ସଦାସର୍ବଦା ପାଇଁ ଅକର୍ମଣ୍ୟ ହୋଇଯାଇଥାଏ । ସେହିପରି କ୍ଷମା ପ୍ରାର୍ଥନାକୁ ଚଳଚଂଚଳ ରଖ ଯେପରି ତାହା ବେକାର ହୋଇନଯାଏ । ଆପଣ କୁହନ୍ତି ଆମର ବିଜୟ ପ୍ରାପ୍ତିର ରହସ୍ୟ କ୍ଷମା ପ୍ରାର୍ଥନା, ଧାର୍ମିକ ଜ୍ଞାନ, ଅଲ୍ଲାଃଙ୍କ ଶ୍ରେଷ୍ଠତାକୁ ନିଜ ସମ୍ମୁଖରେ ରଖିବା ଓ ପାଂଚବେଳା ନମାଜ ପାଠ କରିବାରେ ଅନ୍ତର୍ନିହିତ ରହିଛି । **ନମାଜ, ଦୁଆ ସ୍ୱୀକାର ହେବାର ଚାବିକାଠୀ ଯେତେବେଳେ ନମାଜ ପାଠ କର ସେତେବେଳେ ଦୁଆ କର କଦାପି ଅଳସୁଆମି କର ନାହିଁ ।** ଦେଖ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ ସମ୍ବନ୍ଧୀୟ ଅପକର୍ମ ହେଉ ଅବା ତାହାର ସୃଷ୍ଟିର, ସମସ୍ତ ପ୍ରକାରର ଅପକର୍ମରୁ ନିଜକୁ ନିବୃତ ରଖ ।

ହଜୁର ଅନଓ୍ୱର ଅ.ବ କହିଲେ ନମାଜ ପାଠ କରିବା ଅନ୍ତେ ମୁଁ ଏକ ଜନାଯାଃ ଗାଏବ ମଧ୍ୟ ପାଠ କରିବି ଯାହାକି ଶ୍ରୀମାନ ପି ପି ନାଜିମୁଦ୍ଦିନ୍ ସାହେବ ପଙ୍ଗାଡ଼ୀ, କେରଳ ନିବାସୀ ଥିଲେ । ଚଳିତ ମାସ ୩ ତାରିଖ ଦିନ ଟ୍ରେନ୍ ଦୁର୍ଘଟଣାରେ ତାଙ୍କର କାଳ ହେଲା ।

**ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ ।**

*ପୃଷ୍ଠା-୧୦ ର ଅବଶିଷ୍ଟାଂଶ.......*

କଳହ ସୃଷ୍ଟି ହେବ ନାହିଁ । ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ, ଧାର୍ମିକ ମତଭେଦ କାରଣରୁ ପିତା ଓ ପୁତ୍ର ମଧ୍ୟରେ ମତଭେଦ ଉତ୍ପନ୍ନ ହୋଇଥାଏ । କେତେକ ନୂତନ ଅହେମଦି ଏହି ପ୍ରଶ୍ନ କରିଥାନ୍ତି କି ଏପରି ଅବସ୍ଥାରେ କ'ଣ ପୁତ୍ରମାନେ ନିଜ ପିତାଙ୍କ ସହ ଉତମ ବ୍ୟବହାର କରିବା ସହିତ ତାଙ୍କର ସେବା କରିବା କଥା । ହଜରତ ମସିହ ମଉଦ ଆ.ସ ଏହାର ବିସ୍ତାର ରୂପେ ଉତର ଦେଇଛନ୍ତି । ଏକଦା ଜଣେ ଆପଣଙ୍କୁ ପଚାରିଲେ ହଜୁର ! ପିତାମାତାଙ୍କ ସେବା କରିବା ଓ ତାଙ୍କର ଆଜ୍ଞା ପାଳନ କରିବାକୁ ଆଲ୍ଲାଃତାଲା ମଣିଷ ଉପରେ ଅନିର୍ବାର୍ଯ୍ୟ କରିଛନ୍ତି । କିନ୍ତୁ ମୋର ଅହେମଦି ହେବା ଯୋଗୁଁ ମୋ ପିତାମାତା ମୋ ଉପରେ ଅତ୍ୟନ୍ତ କ୍ଷୁବ୍ଧ ଅଛନ୍ତି । ଏପରିକି ସେମାନେ ମୋର ଚେହେରା ଦେଖିବାକୁ ଚାହୁଁନାହାନ୍ତି । ଅତଃ ଯେତେବେଳେ ମୁଁ ହଜୁରଙ୍କ ବୟତ କରିବାକୁ ବାହାରିଲି ସେମାନେ ମୋତେ କହିଲେ କି ଆମକୁ ଚିଠିପତ୍ର ମଧ୍ୟ ଲେଖିବୁ ନାହିଁ ଏବଂ ବର୍ତମାନ ଆମେ ତୋର ଚେହେରା ମଧ୍ୟ ଦେଖିବାକୁ ଚାହୁଁ ନାହୁଁ । ବର୍ତମାନ ମୁଁ ଅଲ୍ଲାଃଙ୍କ ଉକ୍ତ ଆଦେଶର କିଭଳି ପାଳନ କରିବି ।

ଆପଣ ଉତର ଦେଲେ ପବିତ୍ର କୋରାନ ଯେଉଁ ସ୍ଥଳେ ପିତାମାତାଙ୍କ ସେବା ଓ ଆଜ୍ଞାବହ ହେବାର ଆଦେଶ ରହିଛି ସେଠାରେ ଏହା ମଧ୍ୟ କୁହାଯାଇଛି- **ରବ୍ ବୁକୁମ୍ ଆଲମୁ ବିମାଫି ନୁଫୁସିକୁମ୍ ଇନ୍ ତକୁନୁ ସାଲିହିନା ଫାଇନ୍ନହୁ କାନା ଲିଲ୍ ଅଓାବିନା ଗଫୁରା** ଅର୍ଥାତ ଅଲ୍ଲାଃତାଲା ତୁମ ଅନ୍ତର କଥା ବେଶ୍ ଭଲଭାବରେ ଜାଣନ୍ତି । ଯଦି ତୁମେ ପୁଣ୍ୟବାନ ହେବ ତେବେ ସେ ତାଙ୍କ ପ୍ରତି ମନୋନିବେଶ କରୁଥିବା ବ୍ୟକ୍ତିଙ୍କ ପ୍ରତି ଅତ୍ୟନ୍ତ କ୍ଷମାଶୀଳ । ଦେଖ ସାହାବାମାନଙ୍କୁ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଧାର୍ମିକ କର୍ତବ୍ୟ ସମ୍ପାଦନରେ ସେମାନଙ୍କ ପିତାମାତ ବାଧକ ସାଜିଥିଲେ । ତେବେ ସେ ଯାହା ହେଉ ତୁମେ ନିଜ ପକ୍ଷରୁ ସେମାନଙ୍କ ଭଲମନ୍ଦ ବୁଝିବା ଓ ଦେଖାଶୁଣା କରିବା ପାଇଁ ସର୍ବଦା ପ୍ରସ୍ତୁତ ରୁହ । କଦାଚିତ କୌଣସି ଅବସର ମିଳିଲେ ତାହାକୁ ହାତଛାଡ଼ କର ନାହିଁ । ତୁମ ନିୟତର ସୁଫଳ ତୁମକୁ ନିଶ୍ଚିତ ମିଳିବ । ଯଦି କେବଳ ଧର୍ମ ଓ ଅଲ୍ଲାଃଙ୍କ ପ୍ରିତୀଭାଜନକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ନିଜ ପିତାମାତାଙ୍କ ଠାରୁ ଅଲଗା ରହିବାର ବଳିଦାନ ଦେବାକୁ ପଡ଼େ ତେବେ ଏହା ଏକ ବାଧ୍ୟତାମୂଳକ ବିଷୟ । ନିଜ ତରଫରୁ ପିତାମାତାଙ୍କ କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କର ଏବଂ ସେମାନଙ୍କ ପାଇଁ ଦୁଆ କର ତଥା ନିୟତ ପବିତ୍ର ରଖ । ସୁତରାଂ ଆଜି ମଧ୍ୟ ଅନେକ ଏଭଳି ପ୍ରଶ୍ନ କରିଥାନ୍ତି କି ଏପରି ଅବସ୍ଥାରେ ପିତାମାତାଙ୍କର କର୍ତବ୍ୟ କିଭଳି ସମ୍ପାଦନ କରିବୁ, ସେମାନଙ୍କ ପାଇଁ ଉପରୋକ୍ତ ଉତର ଯଥେଷ୍ଟ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- ସେ ଯାହା ହେଉ ଜଣେ ପୁରୁଷର ବିଭିନ୍ନ ଦାୟିତ୍ୱ ରହିଛି, ତାହାକୁ ସେଗୁଡ଼ିକ ସମ୍ପାଦନ କରିବା ଆବଶ୍ୟକ । ନିଜ ଘରକୁ ଏଭଳି ଗଢିତୋଳ କି ସେଥିରୁ ସର୍ବଦା ପ୍ରେମ ଓ ଭଲପାଇବାର ସୁଗନ୍ଧ ଝରୁଥିବ । ଜଣେ ପୁରୁଷ ସ୍ୱାମୀ, ପିତା, ପୁତ୍ର ଆଦି ହୋଇଥାଏ ତେଣୁ ସେ ନିଜର ଏ ସମସ୍ତ ଦାୟିତ୍ୱକୁ ବୁଝିବା ଉଚିତ୍ । ଆହୁରି ମଧ୍ୟ ତାହାର ଅନେକ ରୂପ ରହିଛି କିନ୍ତୁ ବିଶେଷକରି ଏହି ତିନୋଟି ମୁଁ ଏଠାରେ ଚର୍ଚ୍ଚା କଲି ଯାହାକି ଘରର ଏକତା ଓ ସମାଜରେ ଶାନ୍ତି ପ୍ରତିଷ୍ଠାର ଜାମିନ୍ ସେତେବେଳେ ସାବ୍ୟସ୍ତ ହେବ ଯେତେବେଳେ ଏହି ଆଧାରରେ ଶାନ୍ତି ପ୍ରତିଷ୍ଠା ହେବ ଏବଂ ଏଥିରେ ଅଧିକରୁ ଅଧିକ ସୌନ୍ଦର୍ଯ୍ୟ ଆଣିବାକୁ ଚେଷ୍ଟା କରାଯିବ । ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

**b b b b b b b b b b b b**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା

ଓ

**ଜମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ନିକଟରେ ଜରୁରୀ ନିବେଦନ ।**

ସୟଦନା ହଜୁର ଅନୁଓ୍ୱର ଅ:ବ ୧୧ ନଭେମ୍ବର ୨୦୧୬ ରେ ନିଜର ହୃଦୟସ୍ପର୍ଶୀ ଖୁତ୍‌ବା ଜୁମାରେ ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଏଲାନ୍ କରିଲେ । ଅଲ୍‌ହମ୍‌ଦୋଲିଲାଃ – ହଜୁର ଅନୁଓ୍ୱର କହିଲେ ''ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ମାଲି କୁର୍‌ବାନି ଉପରେ ଆଲୋକପାତ କରି କହୁଛନ୍ତି:-ଯେ ସଂସାରରେ ଲୋକେ ଧନ ସହିତ ବହୁତ ପ୍ରେମ କରିଥାଏ । ସେଇଥିଯୋଗୁ ତାବିରୁର୍‌ରୋୟା ରେ ଲେଖାଯାଇଛି ଯଦି କୌଣସି ବ୍ୟକ୍ତି ଦେଖେ ଯେ ସେ ନିଜ କଲିଜା କାଢ଼ି କାହାକୁ ଦେଇ ଦଉଛି ତା'ର ଅର୍ଥ ଧନ ଅଟେ । ସେଥିଯୋଗୁଁ ପ୍ରକୃତ ତକ୍ୱା ଓ ଇମାନ୍‌ଙ୍କ ହାସଲ କରିବା ପାଇଁ (ଅଲ୍ଲାଃତାଲା) କହୁଛନ୍ତି ***ଲନ୍‌ତନାଲୁଲ୍ ବିର୍‌ରା ହାତ୍‌ତା ତୁନ୍ ଫିକୁ ମିମ୍ମା ତୁହିବ୍‌ବୁନ୍*** ଅର୍ଥାତ୍ ପ୍ରକୃତ ପୁଣ୍ୟକୁ ତୁମେ ସେ ପର୍ଯ୍ୟନ୍ତ ପାଇବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜର ଉତମ ଜିନିଷକୁ ଖର୍ଚ୍ଚ ନ କରିଛି । କାରଣ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ଉତମ ବ୍ୟବହାରର ଏକ ବହୁତ ବଡ଼ ଭାଗ ଧନ ଖର୍ଚ୍ଚ କରିବାରେ ଅଛି । ଏତଦ୍‌ବ୍ୟତୀତ ଇମାନ୍ ସମ୍ପୂର୍ଣ୍ଣ ହୁଏ ନାହିଁ ।... ତେଣୁ ଅଲ୍ଲାଃଙ୍କ ରାସ୍ତାରେ ଧନ ଖର୍ଚ୍ଚ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ପୁଣ୍ୟବାନ୍‌ର ଆଧାର ଓ ସନ୍ତକ ଅଟେ ।''

ହଜୁର୍ କହିଲେ:-

''ଦୁନିଆ ଆଜିକାଲି ଭାବୁଛି ଯେ ଧନ ସମ୍ପତିକୁ ଠୁଳ କରିବା ଏବଂ ତାକୁ କେବଳ ନିଜ ଆରାମ ଓ ସୁଖ ସ୍ୱାଛନ୍ଦ ପାଇଁ ଖର୍ଚ୍ଚ କରିବାରେ ହିଁ ଆନନ୍ଦ ଓ ଶାନ୍ତି ମିଳିପାରିବ । କିନ୍ତୁ ଜଣେ ମୋମିନ୍ ଯାହାକୁ ଦୀନିର ପ୍ରକୃତ ଜ୍ଞାନ ଅଛି ସେଏହା ଭାବିଥାଏ ଯେ ଯଦି ଚ ଏହା ସବୁ ଅଲ୍ଲାତାଲା ମଣିଷ ନିମନ୍ତେ ସୃଷ୍ଟି କରିଛି କିନ୍ତୁ ଜୀବନର ପ୍ରକୃତ ଲକ୍ଷ ଅଲ୍ଲାତାଲାଙ୍କ ସାନିଧ ଓ ପୁଣ୍ୟ ମାର୍ଗରେ ପରିଚାଳିତ ହେବା ଅଟେ । ଅଲ୍ଲାତାଲାଙ୍କର ହକ୍ ପ୍ରଦାନ କରିବା ଏବଂ ତାର ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ଅଟେ ।''

ଖୁତ୍‌ବା ଯୁମାର ଶେଷର ହଜୁର୍ ଅନୁଓ୍ୱର୍ ଅ:ବ କହିଲେ:-

୧୯୩୪ ମସିହାରେ ଏହ୍‌ରାରୀ ଯମାତକୁ ନିଃଶେଷ କରିବାର କଥା କହୁଥିଲେ । କାଦିୟାନ୍‌କୁ ତଳିତଳାନ୍ତ କରିଦେବାର କଥା କହୁଥିଲେ । ସେ ସମୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତହେରିକ୍ ଯଦିଦ୍‌ର ଏଲାନ୍ କରାଇ ସମଗ୍ର ବିଶ୍ୱରେ ମିଶ୍‌ନାରି ପଠାଇବାର ଯୋଜନା ତିଆରି କଲେ । ତବ୍‌ଲିଗ୍‌ର ଏକ ସୁନ୍ଦର ଯୋଜନା ତିଆରି କରାଗଲା ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯମାତ୍ ଅହେମଦୀୟାକୁ ଲୋକେ ଜାଣିଛନ୍ତି ଏବଂ ୨୦୯ ଦେଶରେ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି ।...........ଆଜି ଦୁନିଆର ଏହି ପଶ୍ଚିମ କୋଣରୁ ସମଗ୍ର ସଂସାରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାକୁ ଆପଣଙ୍କର ଜଣେ ଗୋଲାମ ଏବଂ ଜଣେ ଛୋଟ ସେବକ ପହଂଚାଇ ଚାଲିଛି ।''

ହଜୁର୍ ଅନୁଓ୍ୱର୍‌ଙ୍କ ଏହି ଜ୍ଞାନ ବର୍ଦ୍ଧକ ଖୁତ୍‌ବା ଯୁମାର ଆଲୋକ ଦ୍ୱାରା ଯମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ଗୋଚରେ ନିବେଦନ କରାଯାଉଛି କି ସେମାନେ ମାଲି କୁର୍‌ବାନୀର ଜରୁରତ୍ ଏବଂ ଗୁରୁତ୍ୱକୁ ଅନୁଭବ କରି ତହେରିକ୍ ଯଦିଦ୍‌ର ଚାନ୍ଦାରେ ବଢ଼ି ଚଢ଼ି କରି ଭାଗ ନିଅନ୍ତୁ । ପ୍ରଥମ ମୁହୁର୍ତରେ ନିଜର ସେକ୍ରେଟାରୀ ତହେରିକ୍ ଯଦିଦ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରି ଏକ ଉତମ (ଓ୍ୱାଦା) ପ୍ରତିଶୃତିର ସହିତ ଯଥା ସମ୍ଭବ ତାହା ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଅଲ୍ଲାତାଲାଙ୍କର କୃପା, ସାନିଧ ଏବଂ ବର୍‌କତ୍‌ରୁ ଲାଭ ଉଠାନ୍ତୁ । ଅଲ୍ଲାତାଲା ଆମକୁ ଏହା କରିବା ପାଇଁ ଅଧିକ ରୁ ଅଧିକ ଶକ୍ତି ପ୍ରଦାନ କରନ୍ତୁ । – ଆମିନ୍

**(ଓ୍ୱକିଲୁଲ୍‌ମାଲ୍ ତେହ୍‌ରିକେ ଯଦିଦ୍ କାଦିୟାନ)**

# ଖୁତ୍‌ବା ଜୁମା

W ଯଦି ଆମେ ନିଜ ଜୀବନକୁ ସୁଖ, ଶାନ୍ତିମୟ କରିବା ସହିତ ଅଲ୍ଲାଃତାଲାଙ୍କ କୃପା ଲାଭ କରିବାର ଅଭିଳାଷୀ ତେବେ ଆମକୁ ସେହି ଶିଷ୍ଟାଚାରକୁ ନିଜ ଜୀବନରେ ସ୍ଥାନ ଦେବା ଆବଶ୍ୟକ ଯାହାକି ଆମର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆ ନିଜର ପ୍ରତ୍ୟେକ କାର୍ଯ୍ୟ ମାଧ୍ୟମରେ ଆମମାନଙ୍କ ସମ୍ମୁଖରେ ନିଜର ନମୁନା ଛାଡ଼ିଯାଇଛନ୍ତି । ପୁଣି ଏହି ଯୁଗରେ ଆପଣଙ୍କର ସଚ୍ଚୋଟ ଦାସ ତାହାକୁ ଆମ ନିକଟରେ ଖୋଲା ବହିପରି ରଖିଦେଲେ ଏବଂ ତଦନୁଯାୟୀ ଅମଳ କରିବା ନିମନ୍ତେ ଆମର ଧ୍ୟାନ ଆକର୍ଷିତ କଲେ ।

W ହଜରତ ମହମ୍ମଦ ସ.ଆଙ୍କ ଉପରେ ଯେଉଁ ଶିକ୍ଷା ଅବତିର୍ଣ୍ଣ ହେଲା, ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତଦନୁଯାୟୀ ଅମଳ କରନ୍ତି ତେବେ ଆମର ପରିବେଶ ଏହ ସୁନ୍ଦର ଓ ସ୍ୱାସ୍ଥକର ପରିବେଶରେ ପରିଣତ ହୋଇଯିବ । ପବିତ୍ର କୋରାନରେ ଅନେକ ଆଦେଶମାନ ରହିଛି କିନ୍ତୁ ଅଲ୍ଲାଃତାଲା ସେ ସେଗୁଡ଼ିକୁ ଗୋଟିଏ ସ୍ଥାନରେ ଓ ଗୋଟିଏ ବାକ୍ୟରେ ଏପରି ଦର୍ଶାଇଦେଲେ କି **ଲକଦ୍ କାନା ଲକୁମ୍ ଫିରସୁଲିଲ୍ଲାହି ଉସ୍‌ୱାତୁନ୍ ହସନାଃ** ଅର୍ଥାତ ବାସ୍ତବରେ ତୁମମାନଙ୍କ ନିମନ୍ତେ ହଜରତ ମହମ୍ମଦ ସ.ଆ ଜଣେ ଉତମ ଉଦାହରଣ ।

W ପୁରୁଷ ଘରର ମୂଖ୍ୟ ହିସାବରେ, ସ୍ୱାମୀ ହିସାବରେ, ବାପ ହିସାବରେ ଓ ସନ୍ତାନ ହିସାବରେ ଦାୟିତ୍ୱନିର୍ବାହ ଏବଂ ଏସବୁ ଦାୟିତ୍ୱ ତୁଲାଇବା ତାହାର କର୍ତବ୍ୟ । ଯଦି ପ୍ରତ୍ୟେକ ପୁରୁଷ ଏ ସମସ୍ତ କର୍ତବ୍ୟଗୁଡ଼ିକୁ (ସଠିକ୍ ଭାବରେ) ସମ୍ପାଦନ କରିବାକୁ ଚେଷ୍ଟା କରନ୍ତି ତେବେ ଆମ ପରିବେଶରେ ଶାନ୍ତି, ପ୍ରେମ ଓ ଭାତୃଭାବର ବାତାବରଣ ବ୍ୟାପକ ରୂପେ ପ୍ରତିଷ୍ଠା କରିବାର ମାଧ୍ୟମ ସାଜିବ । ଏହି କଥା ପିଲାମାନଙ୍କ ତରବିୟତର ମାଧ୍ୟମ ସାଜି ଶାନ୍ତିପୂର୍ଣ୍ଣ ଓ ମାନବାଧିକାରର କର୍ତବ୍ୟ ସମ୍ପାଦନକାରୀ ଏକାଧିକ ପିଢୀ ତିଆରି କରିବାର ସାଧନ ହୋଇପାରିବ ଏବଂ ଏଭଳି ଘରେ ଶାନ୍ତି ପ୍ରତିଷ୍ଠା ମଧ୍ୟ ହୋଇଥାଏ ।

W ହଜରତ ମହମ୍ମଦ ସ.ଆ ଘରର ମୁରବି ହିସାବରେ ସର୍ବ ପ୍ରଥମେ ଏକେଶ୍ୱରବାଦ ପ୍ରତିଷ୍ଠାର ଗୁରୁତ୍ୱ ନିଜ ସ୍ତୀ ଓ ପିଲାମାନଙ୍କ ମଧ୍ୟରେ ଉତ୍ପନ୍ନ କରି ଅମଳ କରାଇଲେ କିନ୍ତୁ ଏହି କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ପ୍ରେମ ଓ ଭଲପାଇବା ମାଧ୍ୟମରେ ସମ୍ପାଦନ କଲେ ନା କି ମାଡ଼ ମାରି ଲାଠି ଦ୍ୱାରା ଶାସନ କରି । ହଜୁର ସ.ଆଙ୍କର ପୂର୍ଣ୍ଣ ବ୍ୟସ୍ତତା ସତ୍ୱେ ନିଜ ଘରର ସଦସ୍ୟମାନଙ୍କ ପ୍ରତି ନମ୍ରତା, ପ୍ରେମ ଓ ଭଲପାଇବା ମାଧ୍ୟମରେ କର୍ତବ୍ୟ ସମ୍ପାଦନ କଲେ । ସର୍ବ ପ୍ରଥମେ ଆପଣ ସେମାନଙ୍କୁ ଅନୁଭବ କରାଇଲେ କି ତୁମର କର୍ତବ୍ୟ ଏକେଶ୍ୱରବାଦର ପ୍ରତିଷ୍ଠା ଓ ଅଲ୍ଲାଃଙ୍କ ଉପାସନା କରିବା ଅଟେ । ସୁତରାଂ ହଜରତ ଆଏଶା ର.ଆ କୁହନ୍ତି କି ହଜୁର ସ.ଆ ରାତିରେ ନଫିଲ୍ ନମାଜ ପଢ଼ିବାକୁ ଉଠନ୍ତି । ପୁଣି ସକାଳର ନମାଜ ପାଠ କରିବାର କିଛି ସମୟ ପୂର୍ବରୁ ଆମକୁ ପାଣି ଛିଣା ମାରି ଉଠାଇଦିଅନ୍ତି କି ନଫିଲ୍ ପାଠ କରି ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କର ।

W ହଜୁର ଅନଓ୍ୱର ଅ.ବ କହିଲେ ସେହି ଲୋକେ ଯେ ନିଜ ପତ୍ନୀମାନଙ୍କ ସହ ଛୋଟ ଛୋଟ କଥାରେ କଳି, ଝଗଡ଼ା କରି ମାଡ଼ ମାରିବା ନିମନ୍ତେ ହାତ ଉଠାଇଥାନ୍ତି ସେମାନଙ୍କୁ ଚିନ୍ତା କରିବା ଉଚିତ୍ । ଯେଭଳି ମୁଁ କହି ଆସିଲି ଏସବୁ ଛୋଟ ଦିଶୁଥିବା କଥା ପ୍ରକୃତରେ ଛୋଟ ନୁହେଁ । କେତେକ ପୁରୁଷ କହିଥାନ୍ତି କି ସ୍ତୀ ମଧ୍ୟରେ ଅମକ ଦୋଷ ଥିବା ହେତୁ ଆମେ କଠୋରତା ଅବଲମ୍ବନ କରିଥାଉ । ଏହି ପରିପ୍ରେକ୍ଷୀରେ ପୁରୁଷମାନଙ୍କୁ ସର୍ବ ପ୍ରଥମେ ନିଜର ନିରୀକ୍ଷଣ କରିବା ଉଚିତ୍ କି କ'ଣ ସେମାନେ ସ୍ୱୟଂ ଧାର୍ମିକ ସ୍ତରରେ ଠିକ୍ ଠିକ୍ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ହଜରତ ମସିହ ମଉଦ ଆ.ସ ଏପରି ପୁରୁଷମାନଙ୍କୁ ଉପଦେଶ ପୂର୍ବକ କହିଛନ୍ତି ଯଦି ପୁରୁଷ ସୁଶୀଳ ନହୁଏ ତେବେ ମହିଳା କିଭଳି ସୁଶୀଳ ହେବ ।

W ଆପଣ କୁହନ୍ତି କେବଳ କଥାରେ ମହିଳାମାନଙ୍କୁ ଉପଦେଶ ଦିଅ ନାହିଁ ବରଂ ନିଜ ଉତମ ବ୍ୟବହାର ଦ୍ୱାରା ଉପଦେଶ ଦେଲେ ତାହା ହିଁ ସେମାନଙ୍କୁ ଅଧିକ ପ୍ରଭାବିତ କରିପାରିବ । ଆପଣ ଆହୁରି କୁହନ୍ତି ଯେଉଁ ବ୍ୟକ୍ତି ସ୍ୱୟଂ ଅଲ୍ଲାଃତାଲାଙ୍କୁ ଭୟକରେ ନାହିଁ ତେବେ ତାହାର ପତ୍ନୀ କିଭଳି ଭୟ କରିବ । ଯଦି ସ୍ୱାମୀ ରାତିରେ ଉଠି ଉଠି ଦୁଆ କରେ, ଅଶ୍ରୁ ଝରାଏ ତେବେ ତାହାର ପତ୍ନୀ ଦିନେ ଦୁଇ ଦିନ ଦେଖିବ ଶେଷରେ ସେ ମଧ୍ୟ ଚିନ୍ତା କରିବ ଏବଂ ନିଶ୍ଚିତ ରୂପେ ପ୍ରଭାବିତ ହେବ । ଆପଣ କୁହନ୍ତି ମହିଳମାନଙ୍କ ମଧ୍ୟରେ ପ୍ରଭାବିତ ହେବାର ପ୍ରବୃତି ଅଧିକ ଥାଏ, ସେମାନଙ୍କ ସୁଧାର ନିମନ୍ତେ କୌଣସି ମଦରସା ମଧ୍ୟ ସଫଳ ହୋଇନଥାଏ ଯେମିତି ସ୍ୱାମୀଙ୍କ ଆଚରଣ ସେମାନଙ୍କୁ ପ୍ରଭାବିତ କରିଥାଏ ।

W ହଜୁର ଅନଓ୍ୱର ଅ.ବ କହିଲେ- ନଜାରତ ଇସଲାହ ଓ ଇରଶାଦ ତଥା ଜମାଅତର ଅନ୍ତଃ ବ୍ୟବସ୍ଥାଗୁଡ଼ିକୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ପିଲାମାନଙ୍କର ପ୍ରଶିକ୍ଷଣ ମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । ଯଦି କେହି ଧର୍ମ ପ୍ରଚାର କରିବା ସହିତ ଧାର୍ମିକ ଶିକ୍ଷା ହାସଲ କରୁଛନ୍ତି କିନ୍ତୁ ନିଜ ଘରେ ହିଁ ଅସାନ୍ତିଲାଗି ରହିଛି ତେବେ ଧର୍ମ ପ୍ରଚାର କରିବା କୌଣସି ଫଳପ୍ରଦ ହୋଇନଥାଏ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୧୯ ମଇ ୨୦୧୭ ଅନୁଯାୟୀ ୧୯ ହିଜ୍‌ରତ୍ ୧୩୯୬ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କ ଉପରେ ଯେଉଁ ଶିକ୍ଷା ଅବତିର୍ଣ୍ଣ ହେଲା, ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତଦନୁଯାୟୀ ଅମଳ କରନ୍ତି ତେବେ ଆମର ପରିବେଶ ଏହ ସୁନ୍ଦର ଓ ସ୍ୱାସ୍ଥକର ପରିବେଶରେ ପରିଣତ ହୋଇଯିବ । ପବିତ୍ର କୋରାନରେ ଅନେକ ଆଦେଶମାନ ରହିଛି କିନ୍ତୁ ଅଲ୍ଲାଃତାଲା ସେ ସେଗୁଡ଼ିକୁ ଗୋଟିଏ ସ୍ଥାନରେ ଓ ଗୋଟିଏ ବାକ୍ୟରେ ଏପରି ଦର୍ଶାଇଦେଲେ କି **ଲକଦ୍ କାନା ଲକୁମ୍ ଫିରସୁଲିଲ୍ଲାହି ଉସ୍‌ୱାତୁନ୍ ହସନାଃ** ଅର୍ଥାତ ବାସ୍ତବରେ ତୁମମାନଙ୍କ ନିମନ୍ତେ ହଜରତ ମହମ୍ମଦ ସ.ଆ ଜଣେ ଉତମ ଉଦାହରଣ । ଦେଖ ଆପଣଙ୍କ ଜୀବନ ଘରଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ପବିତ୍ର କୋରାନର ସମସ୍ତ ଆଦେଶ ମୁତାବକ ଅମଳ କରିବା ଥିଲା । ଅତଏବ ପ୍ରକୃତ କୃତକାର୍ଯ୍ୟ ମଣିଷକୁ ସେତେବେଳେ ହାସଲ ହୋଇଥାଏ ଯେତେବେଳେ ସେ ପ୍ରତ୍ୟେକ କାର୍ଯ୍ୟରେ ଉକ୍ତ ନମୁନାକୁ ନିଜ ସମ୍ମୁଖରେ ରଖିବ । କେତେକ ସମୟରେ ମଣିଷ ବେଶ୍ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରିଥାଏ

କିନ୍ତୁ କେତେକ ବିଷୟ ସେ ଛୋଟ ମଣି ତାହାକୁ ଅଣଦେଖା କରିଦେଇଥାଏ ଯେପରି ତାହାର କୌଣସି ବିଶେଷତା ହିଁ ନାହିଁ । ଯଦି ଆମେ ନିଜ ଜୀବନକୁ ସୁଖ, ଶାନ୍ତିମୟ କରିବା ସହିତ ଅଲ୍ଲାଃତାଲାଙ୍କ କୃପା ଲାଭ କରିବାର ଅଭିଳାଷୀ ତେବେ ଆମ୍ଭକୁ ସେହି ଶିଷ୍ଟାଚାରକୁ ନିଜ ଜୀବନରେ ସ୍ଥାନ ଦେବା ଆବଶ୍ୟକ ଯାହାକି ଆମ୍ଭର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆ ନିଜର ପ୍ରତ୍ୟେକ କାର୍ଯ୍ୟ ମାଧ୍ୟମରେ ଆମମାନଙ୍କ ସମ୍ମୁଖରେ ନିଜର ନମୁନା ଛାଡ଼ିଯାଇଛନ୍ତି । ପୁଣି ଏହି ଯୁଗରେ ଆପଣଙ୍କର ସଚ୍ଚୋଟ ଦାସ ତାହାକୁ ଆମ ନିକଟରେ ଖୋଲା ବହିପରି ରଖିଦେଲେ ଏବଂ ତଦନୁଯାୟୀ ଅମଳ କରିବା ନିମନ୍ତେ ଆମର ଧ୍ୟାନ ଆକର୍ଷିତ କଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ବିଭିନ୍ନ ପରିସ୍ଥିତିରେ ପୁରୁଷମାନଙ୍କୁ ସେମାନଙ୍କ କର୍ତବ୍ୟ ସମ୍ବନ୍ଧରେ କିଛି କହିବାକୁ ଚାହୁଁଛି । ପୁରୁଷ ଘରର ମୁଖ୍ୟ ହିସାବରେ, ସ୍ୱାମୀ ହିସାବରେ, ବାପ ହିସାବରେ ଓ ସନ୍ତାନ ହିସାବରେ ଦାୟିତ୍ୱନିର୍ବାହ ଏବଂ ଏସବୁ ଦାୟିତ୍ୱ ତୁଲାଇବା ତାହାର କର୍ତବ୍ୟ । ଯଦି ପ୍ରତ୍ୟେକ ପୁରୁଷ ଏ ସମସ୍ତ କର୍ତବ୍ୟଗୁଡ଼ିକୁ (ସଠିକ୍ ଭାବରେ) ସମ୍ପାଦନ କରିବାକୁ ଚେଷ୍ଟା କରନ୍ତି ତେବେ ଆମ ପରିବେଶରେ ଶାନ୍ତି, ପ୍ରେମ ଓ ଭାତୃଭାବର ବାତାବରଣ ବ୍ୟାପକ ରୂପେ ପ୍ରତିଷ୍ଠା କରିବାର ମାଧ୍ୟମ ସାଜିବ । ଏହି କଥା ପିଲାମାନଙ୍କ ତରବିୟତର ମାଧ୍ୟମ ସାଜି ଶାନ୍ତିପୂର୍ଣ୍ଣ ଓ ମାନବାଧିକାରର କର୍ତବ୍ୟ ସମ୍ପାଦନକାରୀ ଏକାଧିକ ପିଢୀ ତିଆରି କରିବାର ସାଧନ ହୋଇପାରିବ ଏବଂ ଏଭଳି ଘରେ ଶାନ୍ତି ପ୍ରତିଷ୍ଠା ମଧ୍ୟ ହୋଇଥାଏ । ଆଜିକାଲି ଅନେକ ଘରୁ ଅଭିଯୋଗ ଆସୁଅଛି କି ପୁରୁଷ ନା ନିଜ ପତ୍ନୀକୁ ସମ୍ମାନ ପ୍ରଦାନ କରୁଛି ନା ତାହାର ଉଚିତ୍ କର୍ତବ୍ୟ ସମ୍ପାଦନ କରୁଅଛି ନା ପିଲାମାନଙ୍କ ପ୍ରଶିକ୍ଷଣ ପ୍ରତି ଯତ୍ନବାନ, କେବଳ ନାମକୁ ମାତ୍ର ଘରର ମୁଖ୍ୟ ଅଟନ୍ତି । ଏଭଳି ଅଭିଯୋଗ ଭାରତ ଓ ପାକିସ୍ତାନରୁ ଆସୁଅଛି କି ସ୍ୱାମୀ ନିଜ ପତ୍ନୀକୁ ମାରି ମାରି ନୀଳବର୍ଣ୍ଣ କରିଦେଇଛି କିମ୍ବା ତାହାର ମୁହଁ ଫୁଲାଇ କ୍ଷତ ବିକ୍ଷତ କରିଦେଇଛି । ହଜୁର ଅଣଓ୍ୱର ଅ.ବ କହିଲେ- ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଅନ୍ତେ ମୂର୍ଖ, ଗାଁଉଲି ଲୋକମାନଙ୍କ ପରି କାର୍ଯ୍ୟ କରିବା ତେବେ ଆମର ବୟତ କରିବା କୌଣସି ଫଳପ୍ରଦ ହେବ ନାହିଁ ।

ହଜରତ ମହମ୍ମଦ ସ.ଆ ଘରର ମୁରବି ହିସାବରେ ସର୍ବ ପ୍ରଥମେ ଏକେଶ୍ୱରବାଦ ପ୍ରତିଷ୍ଠାର ଗୁରୁତ୍ୱ ନିଜ ସ୍ତ୍ରୀ ଓ ପିଲାମାନଙ୍କ ମଧ୍ୟରେ ଉତ୍ପନ୍ନ କରି ଅମଳ କରାଇଲେ କିନ୍ତୁ ଏହି କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ପ୍ରେମ ଓ ଭଲପାଇବା ମାଧ୍ୟମରେ ସମ୍ପାଦନ କଲେ ନା କି ମାଡ଼ ମାରି ଲାଠି ଦ୍ୱାରା ଶାସନ କରି । ହଜୁର ସ.ଆଙ୍କର ପୂର୍ଣ୍ଣ ବ୍ୟସ୍ତତା ସତ୍ୱେ ନିଜ ଘରର ସଦସ୍ୟମାନଙ୍କ ପ୍ରତି ନମ୍ରତା, ପ୍ରେମ ଓ ଭଲପାଇବା ମାଧ୍ୟମରେ କର୍ତବ୍ୟ ସମ୍ପାଦନ କଲେ । ସର୍ବ ପ୍ରଥମେ ଆପଣ ସେମାନଙ୍କୁ ଅନୁଭବ କରାଇଲେ କି ତୁମର କର୍ତବ୍ୟ ଏକେଶ୍ୱରବାଦର ପ୍ରତିଷ୍ଠା ଓ ଅଲ୍ଲାଃଙ୍କ ଉପାସନା କରିବା ଅଟେ । ସୁତରାଂ ହଜରତ ଆଏଶା ର.ଆ କୁହନ୍ତି କି ହଜୁର ସ.ଆ ରାତିରେ ନଫିଲ୍ ନମାଜ ପଢିବାକୁ ଉଠନ୍ତି । ପୁଣି ସକାଳର ନମାଜ ପାଠ କରିବାର କିଛି ସମୟ ପୂର୍ବରୁ ଆମକୁ ପାଣି ଛିଣା ମାରି ଉଠାଇଦିଅନ୍ତି କି ନଫିଲ୍ ପାଠ କରି ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କର ।

ହଜରତ ଆଏଶା ର.ଆ ହଜୁର ସ.ଆଙ୍କର ଘର କାର୍ଯ୍ୟର ବିସ୍ତାର ଚର୍ଚ୍ଚା କରି କୁହନ୍ତି- ହଜୁର ନିଜ ଜାମା ସିଲେଇ କରିଦିଅନ୍ତି, ଜୋତାରେ ଟାଙ୍କା ମାରିବା, ବାସନ ମରାମତି ଆଦି କରିଦେଇଥାନ୍ତି । ଅତଏବ ଏହି ନମୁନାଗୁଡ଼ିକୁ ନିଜ ସମ୍ମୁଖରେ ରଖି ପ୍ରତ୍ୟେକ ସ୍ୱାମୀମାନଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ । ଏକଦା ହଜରତ ମହମ୍ମଦ ସ.ଆ କହିଲେ- ମୋମିନମାନଙ୍କ ମଧ୍ୟରେ ଦୃଢ ବିଶ୍ୱାସୀ ସେ ଯାହାର ଚରିତ୍ର ଉତମ ଅଟେ ଏବଂ ତୁମମାନଙ୍କ ମଧ୍ୟରୁ ଚରିତ୍ର ଦୃଷ୍ଟିରୁ ସବୁଠାରୁ ଉତମ ସେ ଯେ ନିଜ ପତ୍ନୀମାନଙ୍କ ସହିତ ଉତମ ଆଚରଣ କରିଥାଏ । ସୁତରାଂ ସେହି ପ୍ରତ୍ୟେକ ପୁରୁଷମାନେ ଯେ, ନିଜ ପତ୍ନୀମାନଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କରିନଥାନ୍ତି ସେମାନଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ । କାରଣ ଏହା ବିଶ୍ୱାସର ସ୍ତର ବୃଦ୍ଧିର ଚିହ୍ନ ଅଟେ । ହଜରତ ମସିହ ମଉଦ ଆ.ସ ପତ୍ନୀମାନଙ୍କ କର୍ତବ୍ୟ ସମ୍ପାଦନ କରିବା ତଥା ସେମାନଙ୍କ ସହ ଉତମ ବ୍ୟବହାର କରିବା ସଂକ୍ରାନ୍ତରେ କୁହନ୍ତି- ଅସଭ୍ୟ ଓ ଅଶ୍ଳୀଳ ଚରିତ୍ର (ମହିଳାଙ୍କ) ବ୍ୟତୀତ (ସେମାନଙ୍କର) ସମସ୍ତ ଦୋଷତ୍ରୁଟି ବରଦାସ୍ତ କରିନେବା ଉଚିତ୍ । ହଜୁର ଆ.ସ କୁହନ୍ତି ଆମ୍ଭକୁ ତ ଅତ୍ୟନ୍ତ ଲଜ୍ୟା ଲାଗେ କି ପୁରୁଷ ହୋଇ (ଲୋକେ)ମହିଳାଙ୍କ ସହ ଝଗଡ଼ା କରିଥାନ୍ତି

ହଜୁର ଅନଓ୍ୱର ଅ.ବ କହିଲେ ସେହି ଲୋକେ ଯେ ନିଜ ପତ୍ନୀମାନଙ୍କ ସହ ଛୋଟ ଛୋଟ କଥାରେ କଳି, ଝଗଡ଼ା କରି ମାଡ଼ ମାରିବା ନିମନ୍ତେ ହାତ ଉଠାଇଥାନ୍ତି ସେମାନଙ୍କୁ ଚିନ୍ତା କରିବା ଉଚିତ୍ । ଯେଭଳି ମୁଁ କହି ଆସିଲି ଏସବୁ ଛୋଟ ଦିଶୁଥିବା କଥା ପ୍ରକୃତରେ ଛୋଟ ନୁହେଁ । କେତେକ ପୁରୁଷ କହିଥାନ୍ତି କି ସ୍ତ୍ରୀ ମଧ୍ୟରେ ଅମକ ଦୋଷ ଥିବା ହେତୁ ଆମେ କଠୋରତା ଅବଲମ୍ବନ କରିଥାଉ । ଏହି ପରିପ୍ରେକ୍ଷୀରେ ପୁରୁଷମାନଙ୍କୁ ସର୍ବ ପ୍ରଥମେ ନିଜର ନିରୀକ୍ଷଣ କରିବା ଉଚିତ୍ କି କ'ଣ ସେମାନେ ସ୍ୱୟଂ ଧାର୍ମିକ ସ୍ତରରେ ଠିକ୍ ଠିକ୍ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ହଜରତ ମସିହ ମଉଦ ଆ.ସ ଏପରି ପୁରୁଷମାନଙ୍କୁ ଉପଦେଶ ପୂର୍ବକ କହିଛନ୍ତି ଯଦି ପୁରୁଷ ସୁଶୀଳ ନହୁଏ ତେବେ ମହିଳା କିଭଳି ସୁଶୀଳ ହେବ । ଏଥିନିମନ୍ତେ ପ୍ରଥମ ସର୍ତ ପୁରୁଷର ଉତମ ହେବା ଉଚିତ୍ ତେବେଯାଇ ତାହାର ପତ୍ନୀ ସୁଶୀଳ ହେବ । ଆପଣ କୁହନ୍ତି କେବଳ କଥାରେ ମହିଳାମାନଙ୍କୁ ଉପଦେଶ ଦିଅ ନାହିଁ ବରଂ ନିଜ ଉତମ ବ୍ୟବହାର ଦ୍ୱାରା ଉପଦେଶ ଦେଲେ ତାହା ହିଁ ସେମାନଙ୍କୁ ଅଧିକ ପ୍ରଭାବିତ କରିପାରିବ । ଆପଣ ଆହୁରି କୁହନ୍ତି ଯେଉଁ ବ୍ୟକ୍ତି ସ୍ୱୟଂ ଅଲ୍ଲାଃତାଲାଙ୍କୁ ଭୟକରେ ନାହିଁ ତେବେ ତାହାର ପତ୍ନୀ କିଭଳି ଭୟ କରିବ । ଯଦି ସ୍ୱାମୀ ରାତିରେ ଉଠି ଉଠି ଦୁଆ କରେ, ଅଶ୍ରୁ ଝରାଏ ତେବେ ତାହାର ପତ୍ନୀ ଦିନେ ଦୁଇ ଦିନ ଦେଖିବ ଶେଷରେ ସେ ମଧ୍ୟ ଚିନ୍ତା କରିବ ଏବଂ ନିଶ୍ଚିତ ରୂପେ ପ୍ରଭାବିତ ହେବ । ଆପଣ କୁହନ୍ତି ମହିଳମାନଙ୍କ ମଧ୍ୟରେ ପ୍ରଭାବିତ ହେବାର ପ୍ରବୃତି ଅଧିକ ଥାଏ, ସେମାନଙ୍କ ସୁଧାର ନିମନ୍ତେ କୌଣସି ମଦରସା ମଧ୍ୟ ସଫଳ ହୋଇନଥାଏ ଯେମିତି ସ୍ୱାମୀଙ୍କ ଆଚରଣ ସେମାନଙ୍କୁ ପ୍ରଭାବିତ କରିଥାଏ । ପୁରୁଷମାନଙ୍କ ଅତ୍ୟାଚାର ଯୋଗୁଁ ମହିଳାମାନଙ୍କୁ ସୁଯୋଗ ମିଳିଯାଇଥାଏ କି ସେମାନେ ତାଙ୍କର ଦୋଷ ଦୁର୍ବଳତା ଧରିବା ଆରମ୍ଭ କରିଦେଇଥାନ୍ତି । ପୁରୁଷମାନଙ୍କୁ ଆବଶ୍ୟକ କି ସେମାନେ କଦାପି ମହିଳାମାନଙ୍କୁ ଏଭଳି ସୁଯୋଗ ହିଁ ପ୍ରଦାନ କରନ୍ତୁ ନାହିଁ ଯେପରିକି ସେମାନେ କହିପାରିବେ ଯେ, ମୋର ସ୍ୱାମୀ ଅମକ ଅପକର୍ମରେ ଜଡ଼ିତ । ମହିଳାମାନେ ନିଜର ମଥା ରଗଡ଼ି ଥକିପଡ଼ିଲେ ସୁଧା ନିଜ ସ୍ୱାମୀଙ୍କର କୌଣସି ଭୂଲର ସୁରାଗ ନପାଏ ତେବେଯାଇ ତାହାର ଧ୍ୟାନ ଧର୍ମ ପ୍ରତି କେନ୍ଦ୍ରିତ ହେବ ଏବଂ ସେ ଧର୍ମକୁ ବୁଝିବାକୁ ଚେଷ୍ଟା କରିବ । ହଜୁର ଅନଓ୍ୱର ଅ.ବ କହିଲେ- ଯେତେବେଳେ ଏପରି ଅବସ୍ଥା ଦେଖାଦିଏ କି ଖୋଜିବା ପରେ ମଧ୍ୟ ପୁରୁଷଙ୍କ ମଧ୍ୟରେ କୌଣସି ଦୋଷ ତ୍ରୁଟି ନମିଳେ ତେବେ ମହିଳା ଧର୍ମପରାୟଣା ନଥିଲେ ସୁଧା ଧର୍ମ ପ୍ରତି ନିଶ୍ଚିତ ତାହାର ଧ୍ୟାନ କେନ୍ଦ୍ରିତ ହୋଇଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଗୋଟିଏ ପାଶ୍ୱରେ ହଜରତ ମସିହ ମଉଦ ଆ.ସ ନିଜର ବୟତ କରିଥିବା ପୁରୁଷମାନଙ୍କ ଠାରୁ ଏହି ଆଶା ବାନ୍ଧିଛନ୍ତି, ଅନ୍ୟ ପାର୍ଶ୍ୱରେ ଆମେ ଦେଖୁଛେ ଯେ, ଅନେକ ପୁରୁଷମାନଙ୍କର ପତ୍ନୀମାନେ ଏହି ଅଭିଯୋଗ ନେଇ ଆସିଥାନ୍ତି କି ସେମାନେ ନମାଜ ପାଠ କରିବାରେ ଅବହେଳା କରୁଛନ୍ତି । ଜମାଅତ ସହିତ ନମାଜ ପାଠ କରିବା ତ ଦୂରେ ଥାଉ ଘରେ ମଧ୍ୟ ନମାଜ ପଢିନଥାନ୍ତି । ସେମାନଙ୍କର ଧାର୍ମିକ ଜ୍ଞାନ ଖୁବ୍ କମ ରହିଛି, ଚାନ୍ଦା ଦେବାରେ ଖୁବ୍ ଦୁର୍ବଳ । ପୁଣି ଟିଭିରେ ଅଶ୍ଳୀଳ ଓ ଅଯଥା କାର୍ଯ୍ୟକ୍ରମ ଦେଖୁଥିବାର ପୁରୁଷମାନଙ୍କର ଅଭିଯୋଗ ଆସୁଅଛି । ପିଲାମାନଙ୍କ ପ୍ରଶିକ୍ଷଣ କରିବାରେ ପୁରୁଷମାନଙ୍କ ଅବହେଳା ଏବଂ କେତେବେଳେ ଯଦି ଘରର ମୁଖ୍ୟ ହିସାବରେ ଯଦି କଦାଚିତ ପିଲାମାନଙ୍କୁ ଶାସନ କରନ୍ତି ତେବେ କେବଳ ବିରକ୍ତ ହେବା ଓ ମାରିବା ଛଡ଼ା ଅନ୍ୟ କିଛି କରିନଥାନ୍ତି ଆଭିଯୋଗ ଆସୁଅଛି । ମହିଳାମାନେ ପୁରୁଷମାନଙ୍କ ଠାରୁ ଶିକ୍ଷା ହାସଲ କରିବା ପରିବର୍ତେ ଅନେକ ଘରେ ମହିଳାମାନେ ପୁରୁଷମାନଙ୍କୁ ଶିକ୍ଷା ଦେବା କିମ୍ବା ଧ୍ୟାନ ଦେଇଥାନ୍ତି, ଯେପରି ପିଲାମାନେ ଖରାପ ହୋଇନଯାନ୍ତୁ । ଯେଉଁ ଘରେ ପିଲାମାନେ ପ୍ରଶିକ୍ଷଣହୀନତାର ଶିକାର ହୋଇଥାନ୍ତି, ସେହି ଘରମାନଙ୍କରେ ସାଧାରଣତଃ ପୁରୁଷମାନଙ୍କର ଅବହେଳା କିମ୍ବା ସୀ ପିଲାମାନଙ୍କ ଉପରେ ଅକାରଣେ ପୁରୁଷମାନଙ୍କର କଠୋରତା ପ୍ରଦର୍ଶନ କରିବା ମୁଖ୍ୟ କାରଣ ଅଟେ । ଅନେକ ଥର ପିଲାମାନେ ମଧ୍ୟ ଆସି ମୋ ନିକଟରେ ଅଭିଯୋଗ କରିଯାଇଥାନ୍ତି କି ଆମ ପିତାଙ୍କର ଆମ ସହ ଆମ ମା'ଙ୍କ ସହ ଆଚରଣ ଠିକ୍ ନାହିଁ । ସୁତରାଂ ଯଦି ନିଜ ଘରକୁ ଶାନ୍ତି ଓ ସୁଖମୟ କରିବାର ଅଛି ଏବଂ ଆସନ୍ତା ପିଢୀର ସଠିକ୍ ପ୍ରଶିକ୍ଷଣ କରିବାର ଅଛି ତଥା ସେମାନଙ୍କୁ

ଧର୍ମ ସହ ଯୋଡ଼ି ରଖିବାର ଅଛି ତେବେ ପୁରୁଷମାନଙ୍କୁ ନିଜ ଅବସ୍ଥା ପ୍ରତି ଧ୍ୟାନ ଦେବାକୁ ହେବ । ହଜରତ ମସିହ ମଉଦ ଆ.ସ ପୁରୁଷମାନଙ୍କ ଧ୍ୟାନ ଆକର୍ଷିତ କରି କୁହନ୍ତି- ପୁରୁଷ ନିଜ ଘରର ଇମାମ ଅଟେ । ଅତଏବ ଯଦି ସେ ନିଜର ଖରାପ ନମୁନା ପ୍ରଦର୍ଶନ କରେ ତେବେ ଅନ୍ୟମାନଙ୍କ ଉପରେ ତାହାର କିଭଳି କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଆପଣ କୁହନ୍ତି ପୁରୁଷମାନଙ୍କୁ ଆବଶ୍ୟକ କି ନିଜ ଶକ୍ତିର ଉଚିତ୍ ସମୟରେ ଉଚିତ୍ ରୂପରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ କ୍ରୋଧ ଅଟେ, ଯେତେବେଳେ ତାହା ଅତ୍ୟଧିକ ହୁଏ ସେତେବେଳେ ତାହା ପାଗଳାମିର ନିକଟବର୍ତ୍ତୀ ହୋଇଯାଇଥାଏ । ଆପଣ କୁହନ୍ତି ଅତ୍ୟନ୍ତ କ୍ରୋଧିତ (ବ୍ୟକ୍ତି)ଠାରୁ ଜ୍ଞାନ ରୂପକ ଶକ୍ତି ଛଡ଼େଇ ନିଆଯାଇଥାଏ । ସୁତରାଂ ଯଦି କେହି (ତୁମର) ବିରୋଧ ମଧ୍ୟ କରେ ତଥାପି ତାହା ସହ କ୍ରୋଧିତ ହୋଇ କଥାବାର୍ତ୍ତା କରିବା ଉଚିତ୍ ନୁହେଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ଏହା ଅଟେ ଆମର ସ୍ତର, ଘରେ ସ୍ତ୍ରୀ ପିଲାମାନଙ୍କ ଉପରେ ବିରକ୍ତ ହେବା ତ ଦୂରରେ ଥାଉ ଯଦି କେହି ଆମର ବିରୋଧ ମଧ୍ୟ କରେ ତେବେ ମଧ୍ୟ କ୍ରୋଧିତ ଓ ସଜ୍ଞାହିନ ହୋଇ କଥାବାର୍ତ୍ତା କରିବାର ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ- ନଜାରତ ଇସଲାହ ଓ ଇରଶାଦ ତଥା ଜମାଅତର ଅନ୍ତଃ ବ୍ୟବସ୍ଥାଗୁଡ଼ିକୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ପିଲାମାନଙ୍କର ପ୍ରଶିକ୍ଷଣ ମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । ଯଦି କେହି ଧର୍ମ ପ୍ରଚାର କରିବା ସହିତ ଧାର୍ମିକ ଶିକ୍ଷା ହାସଲ କରୁଛନ୍ତି କିନ୍ତୁ ନିଜ ଘରେ ହିଁ ଅସାନ୍ତିଲାଗି ରହିଛି ତେବେ ଧର୍ମ ପ୍ରଚାର କରିବା କୌଣସି ଫଳପ୍ରଦ ହୋଇନଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଘର ଭାଙ୍ଗିବା ଓ ପିଲାମାନେ ବରବାଦ ହେବା ପୂର୍ବରୁ ଏପରି ପୁରୁଷମାନଙ୍କୁ ନିଜ ଦାୟୀତ୍ୱ ପ୍ରତି ସଚେତନ ହେବା ଉଚିତ୍ ଯେ, ନିଜ ପିଲାମାନଙ୍କୁ ଧର୍ମପରାୟଣ ଦେଖିବାକୁ ଇଚ୍ଛୁକ, ଯାହାକି ଇସଲାମ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରିଛି । ମହିଳାମାନଙ୍କ କର୍ତ୍ତବ୍ୟ ସମ୍ପାଦନ ଓ ସେମାନଙ୍କ ସହ ଉତ୍ତମ ଆଚରଣ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଏକଦା କହିଲେ- ଇସଲାମ ଯେଭଳି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିଛି ତାହା ଅନ୍ୟ କୌଣସି ଧର୍ମ କରି ନାହିଁ । ଦେଖ କିଭଳି ସଂକ୍ଷିପ୍ତ ଭାଷାରେ କହିଦେଲେ କି **ଓଲହୁନ୍ନା ମିସ୍ଲୁଲ୍ ଲଜି ଆଲୈହିନ୍ନା** ଅର୍ଥାତ ଯେଭଳି ପୁରୁଷମାନଙ୍କର ମହିଳାମାନଙ୍କ ଉପରେ ଅଧିକାର ରହିଛି ସେହିପରି ମହିଳାମାନଙ୍କର ମଧ୍ୟ ପୁରୁଷମାନଙ୍କ ଉପରେ ଅଧିକାର ରହିଛି ।

*ସୁତରାଂ ଆବଶ୍ୟକ କି ସ୍ୱାମୀମାନଙ୍କର ନିଜ ପତ୍ନୀଙ୍କ ସହିତ ଏଭଳି (ନିବିଡ଼) ସମ୍ପର୍କ ରହିବା ଉଚିତ୍ ଯେମିତି ଦୁଇ ଜଣ ସଚ୍ଚୋଟ ଓ ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ଥାଏ । ମଣିଷର ଉତ୍ତମ ଆଚରଣ ଓ ଅଲ୍ଲାଃଙ୍କ ସହ ସମ୍ପର୍କର ପ୍ରଥମ ସାକ୍ଷୀ ତାହାର ପତ୍ନୀର ଅଟେ । ଯଦି ତାହାରି ସହ ହିଁ ସେ ଉତ୍ତମ ଆଚରଣ ନକରେ ତେବେ କିଭଳି ସମ୍ଭବ ଯେ ଅଲ୍ଲାଃତାଲାଙ୍କ ସହ ତାହାର ସନ୍ଧି ହୋଇପାରିବ ।*

ହଜୁର ଅନଓ୍ୱର ଅ.ବ କହିଲେ- ପୁଣି ପୁରୁଷର ବାପ ହିସାବରେ ଦାୟିତ୍ୱ ରହିଛି ତାହାକୁ ମଧ୍ୟ ବୁଝିବା ଆବଶ୍ୟକ । ଏପରି ଚିନ୍ତା କରିବାର ନାହିଁ କି ପିଲାମାନଙ୍କ ପ୍ରଶିକ୍ଷଣ କରିବା ମା'ମାନଙ୍କର କାର୍ଯ୍ୟ । ନିଃସନ୍ଦେହ ଗୋଟିଏ ନିର୍ଦ୍ଧିଷ୍ଟ ବୟସ ପିଲା ମା' ନିକଟରେ ଅତିବାହିତ କରିଥାଏ ଏବଂ ଅତ୍ୟନ୍ତ ଛୋଟବେଳୁ ମା'ର ପ୍ରଶିକ୍ଷଣ ପିଲା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, କିନ୍ତୁ ଏଥିରେ ପୁରୁଷ ନିଜକୁ କର୍ତ୍ତବ୍ୟରୁ ମୁକ୍ତ ମଣିବା ଉଚିତ୍ ନୁହେଁ । ପିତାମାନଙ୍କୁ ମଧ୍ୟ ନିଜ ପିଲାମାନଙ୍କ ପ୍ରଶିକ୍ଷଣ କରିବାରେ ନିଜର ଭୂମିକା ସମ୍ପାଦନ କରିବା ଉଚିତ୍ । ବିଶେଷ କରି ଯେତେବେଳେ ପିଲା ୭/୮ ବର୍ଷର ହୋଇଯାନ୍ତି ସେତେବେଳେ ସେମାନେ (ନିଜ ପ୍ରତି) ପିତାଙ୍କ ଦୃଷ୍ଟି ଓ ଧ୍ୟାନ ଦେବାର ଆବଶ୍ୟକତା ଲୋଡ଼ିଥାନ୍ତି । ଏହି ପାଶ୍ଚାତ୍ୟ ଦେଶମାନଙ୍କରେ ପିଲାମାନେ ଖରାପ ହେବାର ସମ୍ଭାବନା ବେଶ୍ ବଢିଯାଇଥାଏ । ପିତାମାନେ ଯେଉଁସ୍ଥଳେ ନିଜ ପିଲାମାନଙ୍କର ଆଦର ସମ୍ମାନ କରିବା ଉଚିତ୍ ଯଦ୍ୱାରା ସେମାନେ ଶିଷ୍ଟାଚାରୀ ହେବେ ସେହିସ୍ଥଳେ ସେମାନଙ୍କ ଉପରେ ଗଭୀର ନଜର ରଖିବାର ଅଛି କି ଯେମିତି ସେମାନେ ପରିବେଶର କୁପ୍ରଭାବରୁ ସୁରକ୍ଷିତ ରହିବେ । ପୁଣି ପିତାମାନେ ଯେଉଁସ୍ଥଳେ ପିଲାମାନଙ୍କ ତରବିୟତ ନିମନ୍ତେ ଚେଷ୍ଟା କରିବାର ଅଛି ସେହିସ୍ଥଳେ ସେମାନଙ୍କ ପାଇଁ ଦୁଆ କରିବା ମଧ୍ୟ ଜରୁରୀ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ମାର୍ଗ ଦର୍ଶକ ଓ ପ୍ରକୃତ ତରବିୟତ ପ୍ରଦାନକାରୀ ଅଲ୍ଲାଃତାଲା ଅଟନ୍ତି । ପଛରେ ପଡ଼ି ରହିବା ଓ ଗୋଟିଏ କଥାରେ ହଟ କରି ବସିରହିବା ପ୍ରକାଶ କରିଥାଏ ଯେମିତି ଆମେ ମାର୍ଗ ଦର୍ଶନକାରୀ ଅଟୁ ଏବଂ ଆମେ ନିଜ ଇଚ୍ଛାରେ ତାହାକୁ ରାସ୍ତାକୁ ଆଣିପାରିବୁ । ଏହା ଏକ ପ୍ରକାରର ଗୁପ୍ତ ଶିରିକ୍ କରିବା ଅଟେ, ଏଥିରୁ ଆମ ଜମାଅତର ଲୋକମାନଙ୍କୁ ନିବୃତ ରହିବା ଉଚିତ୍ । ଆପଣ କୁହନ୍ତି ଆମେ ତ ନିଜ ପିଲାମାନଙ୍କ ପାଇଁ ଦୁଆ କରିଥାଉ ଏବଂ ସାଧାରଣ ମାନରେ ସେମାନଙ୍କୁ ନିୟମ ଓ ଶିଷ୍ଟାଚାର ତାଲିମ୍ ଦେଇଥାଉ । ଏଥିରୁ ଅଧିକ କିଛି (କରିବାର ଆମର ସାମର୍ଥ୍ୟ)ନାହିଁ ଏବଂ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରଷା ରଖିଥାଉ ଯେମିତି କାହା ମଧ୍ୟରେ ଦିବ୍ୟ ବିଜ ରହିଥାଏ ଏବଂ ସମୟ ଆସିଲେ ତାହା ଶସ୍ୟ ଶ୍ୟାମଳ ହୋଇଯାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- କେତେକ ଲୋକ ଚିନ୍ତା କରିଥାନ୍ତି କି ପିଲାମାନଙ୍କ ପାଇଁ କିଛି ସମ୍ପତି ଛାଡ଼ିଯିବା ଉଚିତ୍ । ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ସମ୍ପତି ଛାଡ଼ିଯିବା ପ୍ରତି ସେମାନଙ୍କର ଧ୍ୟାନ ଆସେ କିନ୍ତୁ ପିଲାମାନେ କିଭଳି ସୁଶୀଳ ଓ ଶିଷ୍ଟାଚାରୀ ହେବେ ଖରାପ କିମ୍ବା ଅପକର୍ମୀ ନହେବେ ସେଥିପ୍ରତି ଧ୍ୟାନ କ୍ରେନ୍ଦିତ ହୋଇନଥାଏ ଅଲ୍ଲାଃତାଲା କୁହନ୍ତି- **ଓ୍ୱ ହୁଓୟତଓଲ୍ ଲସ୍ ସାଲିହିନା** ଅର୍ଥାତ ଅଲ୍ଲାଃତାଲା ନିଜ ଧର୍ମନିଷ୍ଠମାନଙ୍କୁ ସ୍ୱୟଂ ସାହାର୍ଯ୍ୟ, ସହଯୋଗ କରିଥାନ୍ତି । ଯଦି ସନ୍ତାନ ଅଯୋଗ୍ୟ ହୁଏ ତେବେ ଲକ୍ଷ ଲକ୍ଷ ଟଙ୍କା ଛାଡ଼ିଗଲେ ସୁଧା ସେ ତାହାକୁ ନଷ୍ଟ କରି କାଙ୍ଗାଳ ହୋଇଯିବ ଏବଂ ବିଭିନ୍ନ ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେବ ଯାହା ତାହା ପାଇଁ ଧାର୍ଯ୍ୟ ରହିଥିବ ।

ହଜୁର ଅନଓ୍ୱର ଅ.ବ କହିଲେ- ଇସଲାମ ଯେଉଁସ୍ଥଳେ ପିତାମାନଙ୍କୁ ଆଦେଶ ଦେଇଥାଏ କି ନିଜ ପିଲାମାନଙ୍କ ତରବିୟତ ପ୍ରତି ଧ୍ୟାନ ଦିଅ ଓ ଦୁଆ କର ସେଠାରେ ପିଲାମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛି । ଯେପରି ସେମାନଙ୍କ ପାଇଁ ନିର୍ଦ୍ଦେଶ ରହିଛି କି ଯେତେବେଳେ ତୁମେ ସାବାଳକ ହୋଇଯାଅ ତୁମେମାନେ ନିଜ ପିତାମାତାଙ୍କର କର୍ତ୍ତବ୍ୟ ସମ୍ପାଦନ କର । ଏସବୁ ସମ୍ପର୍କ ଡ଼ୋରିର କର୍ତ୍ତବ୍ୟ ସିକୁଳିର ଗୋଟିଏ ଗୋଟିଏ କଡ଼ି ଯାହାକି ପରସ୍ପର ସହ ଯୋଡ଼ିହୋଇ ରହିଲେ ଶାନ୍ତିପୂର୍ଣ୍ଣ ସମାଜ ଗଠିତ ହୋଇଥାଏ । ପିତାମାତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଗୁରୁଦାୟିତ୍ୱ ଏହାର ଗୁରୁତ୍ୱ ପ୍ରତ୍ୟେକ ମୋମିନକୁ ବୁଝିବା ଉଚିତ୍ । ଜଣେ ସନ୍ତାନ ଯେତେବେଳେ ସାବାଳକ ହୁଏ ସେ କିପରି ନିଜ ପିତାମାତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବ ଏଥିସମ୍ବନ୍ଧରେ ଏକଦା ଜଣେ ବାଳକ ହଜରତ ମହମ୍ମଦ ସ.ଆଙ୍କୁ ପଚାରିଲେ ହଜୁର ମୁଁ ଜେହାଦ୍ (ଧର୍ମ ଯୁଦ୍ଧ)ରେ ସାମିଲ ହେବାକୁ ଚାହୁଁଛି, ହଜୁର ତାକୁ ପଚାରିଲେ କ'ଣ ତୋର ପିତାମାତ ଜୀବିତ ଅଛନ୍ତି । ସେ କହିଲା ହଁ ଜୀବିତ ଅଛନ୍ତି, ଏଥିରେ ଆପଣ ଉତର ଦେଲେ- ସେମାନଙ୍କ ସେବା କର ତାହା ହିଁ ତୁମର ଜେହାଦ୍ ଅଟେ ।

ଜଣେ ସାହାବି କୁହନ୍ତି- ଆମେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ଥିଲୁ କି ବନି ସଲମାର ଜଣେ ବ୍ୟକ୍ତି ହାଜର ହୋଇ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ! ପିତାମାତାଙ୍କ ଦେହାନ୍ତ ପରେ କ'ଣ ଏପରି କିଛି ପୁଣ୍ୟକର୍ମ ଅଛି ଯାହାକି ମୁଁ ସେମାନଙ୍କ ପାଇଁ ସମ୍ପାଦନ କରିପାରିବି ? ଆପଣ କହିଲେ ହଁ କାହିଁକି ନୁହେଁ, ତୁମେ ସେମାନଙ୍କ ପାଇଁ ଦୁଆ କର, କ୍ଷମା ପ୍ରାର୍ଥନା କର ଏବଂ ସେମାନେ ଜୀବିତ ଥିବା ଅବସ୍ଥାରେ ଯାହା ସହ କୌଣସି ପ୍ରତିଶୃତି କରିଥିଲେ ତାହାକୁ ପୂରଣ କର, ସେମାନଙ୍କ ପରିଜନଙ୍କ ସହ ସେହିପରି ସୁନ୍ଦର ବ୍ୟବହାର ଓ ଶିଷ୍ଟାଚାର ପ୍ରଦର୍ଶନ କର ଯେପରି ସେମାନେ ଉକ୍ତ ପରିଜନଙ୍କ ସହ କରୁଥିଲେ । ସେମାନଙ୍କ ବନ୍ଧୁମାନଙ୍କର ଆଦର ଓ ସମ୍ମାନ କର ।

ହଜୁର ଅନଓ୍ୱର ଅ.ବ କହିଲେ- ବିବାହ ବନ୍ଧନ ପରେ ବିଶେଷକରି ଏହି କର୍ତ୍ତବ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ଏବଂ ଯଦି ଜଣେ ବୁଦ୍ଧିମାନର ସହିତ ପତ୍ନୀମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ପିତାମାତାଙ୍କ କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରେ ଏବଂ ପତ୍ନୀକୁ ମଧ୍ୟ ଅନୁଭବ କରାଏ କି ଶାଶୁ ଶ୍ୱଶୁରଙ୍କର ସେବା କରିବାର ମହତ୍ୱ କ'ଣ ଓ ନିଜେ ମଧ୍ୟ ଶାଶୁ ଶଶୁରଙ୍କର ସେବା କରେ ତେବେ ଘରେ କଦାପି

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ.......*

ପୃଷ୍ଠା-୧୨ର ଅବଶିଷ୍ଟାଂଶ.......

ସ:ଆ:ସ ନିଜ ବୁଦ୍ଧି ଓ ମହିମାରେ ଅଦ୍ୱିତୀୟ ଅଟନ୍ତି ।

ହଜୁର୍ ଅ:ବ କହିଲେ-ଆଜିକାଲି କିଛି ବିଶେଷ ମୁସଲମାନଙ୍କ ଘୃଣ୍ୟକାର୍ଯ୍ୟ ପାଇଁ ଇସଲାମ୍‌କୁ ଏକ କଠୋରପନ୍ଥୀ ଓ ଅସହିଷ୍ଣୁ ଧର୍ମ ରୂପେ ବିବେଚନା କରାଯାଉଛି । କିନ୍ତୁ ସତ୍ୟ ଏହା ଯେ ଇସ୍‌ଲାମ୍ ହିଁ ସେହି ଧର୍ମ ଯାହାର ଶିକ୍ଷା ବିବେକ, ସ୍ୱାଧୀନତା ଓ ଧର୍ମୀୟ ସ୍ୱାଧୀନତା ପରି ସିଦ୍ଧାନ୍ତରେ ପରିପୂର୍ଣ୍ଣ । ଇସ୍‌ଲାମ୍ ସ୍ପଷ୍ଟ ରୂପେ ଏ ଶିକ୍ଷା ଦେଉଛି ଯେ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟ ବାଧକତା ନାହିଁ । ଏବଂ ଧର୍ମର ସମ୍ପର୍କ କେବଳ ହୃଦୟ ସହିତ ଅଟେ । ହଁ ଏହା ଠିକ୍ ଅଟେ ଯେ ପ୍ରାରମ୍ଭିକ ମୁସଲ୍‌ମାନ୍ ମାନେ କିଛି ଯୁଦ୍ଧ ଲଢ଼ିଛନ୍ତି । କିନ୍ତୁ ଏ ଯୁଦ୍ଧ ନା ତ କେବେ ଦେଶ ବିଜୟ ପାଇଁ ଥିଲା ନା କେବେ ଅଣ ମୁସଲ୍‌ମାନ ମାନଙ୍କୁ ବାଧ୍ୟତାମୂଳକ ଇସ୍‌ଲାମ୍ ଗ୍ରହଣ ଗ୍ରହଣ କରିବା ପାଇଁ ଥିଲା । ବରଂ ତାଙ୍କର ଅସଲ ଲକ୍ଷ୍ୟ ଧର୍ମୀୟ ସ୍ୱାଧୀନତାକୁ ସବୁବେଳ ପାଇଁ ଗୋଟିଏ ଆନ୍ତର୍ଜାତୀୟ ସିଦ୍ଧାନ୍ତରେ ପ୍ରତିଷ୍ଠା କରିବା ନିମନ୍ତେ ଥିଲା । ପବିତ୍ର କୋରାନ୍‌ର ଶିକ୍ଷା ଏ ସମ୍ବନ୍ଧରେ ବହୁତ ସ୍ପଷ୍ଟ ଅଟେ । ମୁସଲ୍‌ମାନ୍‌ମାନଙ୍କୁ ଏପରି ଆତ୍ମରକ୍ଷା କରିବା ପାଇଁ ଯୁଦ୍ଧର ଅନୁମତି ସୁରା ହଜର ଆୟତ ନଂ-୪୧ରେ ଦିଆଯାଇଅଛି । ଯେଉଁଠି ଅଲ୍ଲାହତାଲା ଏହା କହୁଛନ୍ତି ଯେ, ଏ ଅନୁମତି ଏଥିପାଇଁ ଦିଆଯାଇଥିଲା ଯେ ମୁସଲମାନଙ୍କ ଉପରେ ଶତୃଙ୍କ ତରଫରୁ ଅତ୍ୟାଚାର ଓ ଆକ୍ରମଣ କରାଯାଉଥିଲା । ଯାହା ନା କେବଳ ଇସଲାମ୍‌ର ବରଂ ଧର୍ମକୁ ନିପାତ କରିବାକୁ ଚାହୁଁଥିଲେ । ପବିତ୍ର କୋରାନ୍ ବର୍ଣ୍ଣନା କରିଛି ଯେ ଯଦି ମୁସଲ୍‌ମାନ୍ ମାନଙ୍କୁ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଇ ନଥାନ୍ତା ତେବେ ନା କୌଣସି ମନ୍ଦିର, ନା କୌଣସି ଗିର୍ଜା, ନା କୌଣସି ମସଜିଦ୍ ଓ ନା କୌଣସି ଉପାସନା ପୀଠ ସୁରକ୍ଷିତ ରହିଥାନ୍ତା । ତେଣୁ ଯେବେ ଆଁ ହଜରତ୍ ସ:ଆ:ସ ଓ ଆପଣଙ୍କ ସାହାବା ଯୁଦ୍ଧରେ ଭାଗ ନେଇଥିଲେ ତାର ମୂଳ ଲକ୍ଷ ହେଉଛି ଲୋକମାନଙ୍କ ଉପାସନାର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଥିଲା । ଯଦ୍ୱାରା ଲୋକମାନେ ଯେପରି ଚାହିଁବେ ସେପରି ଉପାସନା କରିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆଜି ଆମେ ଏପରି ସମୟରେ ଅତିବାହିତ କରୁଛେ ଯେଉଁଠି ଇସ୍‌ଲାମ୍ ଉପରେ ଏପରି ଦୋଷାରୋପ କରାଯାଉଛି ଯେ ଇସ୍‌ଲାମ୍ ଅନ୍ୟର ହକ୍‌କୁ ନଷ୍ଟ କରିଦେଉଛି ବୋଲି । କିନ୍ତୁ ବାସ୍ତବିକତା ଏହାର ଓଲଟା । ଇସ୍‌ଲାମ୍ ଏପରି ଧର୍ମ ଅଟେ ଯାହାର ଶିକ୍ଷା ପ୍ରତ୍ୟେକ ଲୋକମାନଙ୍କର ଓ ପ୍ରତ୍ୟେକ ଧର୍ମର ଅଧିକାରକୁ ସୁରକ୍ଷା ଦେଇଥାଏ । ଇସ୍‌ଲାମ୍ ୟହୁଦି ଓ ଇସାଇଙ୍କର ମଧ୍ୟ ସୁରକ୍ଷାକାରୀ । ସେହିପରି ହିନ୍ଦୁ ଏବଂ ଶିଖ୍‌ଙ୍କର ମଧ୍ୟ ସୁରକ୍ଷା ପ୍ରଦାନକାରୀ ଓ ଅନ୍ୟାନ୍ୟ ସବୁଧର୍ମ ଓ ବିଶ୍ୱାସକୁ ସୁରକ୍ଷା ଦେଇଥାଏ । ଇସ୍‌ଲାମ୍‌ର ଏହି ଉତ୍ତମ ଓ ବିଶେଷ ଗୁଣକୁ ପ୍ରତିଷ୍ଠା କରିବା ପାଇଁ ପୂର୍ବେ ମୁସଲ୍‌ମାନ୍ ମାନେ ନିଜର ଦେଇଦେଇଛନ୍ତି ।

ହଜୁର୍ ଅନୁୱର ଅ:ବ:ଅ କହିଲେ- ଏହି ପରି ସୁରା ତାହା ଆୟତ ନଂ-୧୩୨ ରେ ଆଉ ଏକ ଇସ୍‌ଲାମୀୟ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଥିରେ ଏହି ଶିକ୍ଷା ଦିଆଯାଇଛି ଯେ କୌଣସି ଜାତି ଅନ୍ୟଜାତିର ସମ୍ପତି ଉପରେ ଲୋଭ ଦୃଷ୍ଟି ନ ରଖୁ । ଏବଂ ସେହି ସମ୍ପତିକୁ ନେବା ପାଇଁ ନ ଚାହୁଁ ଯାହା ତାହାର ନୁହେଁ । କିନ୍ତୁ ବର୍ତ୍ତମାନ ଯୁଗରେ ପ୍ରତ୍ୟେକ ଇର୍ଶାଲୁ ଏହା ଚେଷ୍ଟା କରୁଛନ୍ତି ଯେ ଅନ୍ୟର ଧନ ସମ୍ପତି ଉପରେ କିପରି ମାଡ଼ି ବସିବେ ଓ ସେହି ସମ୍ପତିରୁ ଅନୁଚିତ୍ ଲାଭ ଉଠାଇବେ । ବାସ୍ତବିକ ଏହି ଲୋଭ ହିଁ ଆଜିକାଲି ହେଉଥିବା ଯୁଦ୍ଧର ମୂଳ କାରଣ । ଯେପରି କିଛି ଦେଶ ଅନ୍ୟ ଦେଶର ଖଣିଜ ପଦାର୍ଥ ଓ ତୈଳ ଇତ୍ୟାଦି ଉପରେ ନଜର ରଖି ଲୋକମାନଙ୍କର ଅଧିକାରକୁ ପଛରେ ପକାଇ ଯୁଦ୍ଧ କରିଚାଲିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ତେଣୁ ଏହାର ଫଳସ୍ୱରୂପ ଲୋକମାନଙ୍କ ମଧ୍ୟରେ ଅଶାନ୍ତି ଓ ରାଗ ସୃଷ୍ଟି ହେଉଛି । ତେଣୁ ଦେଶମାନଙ୍କୁ ଦରକାର ଯେ ଦେଶଗୁଡିକ ନିଜ ବ୍ୟବସ୍ଥାରେ ନ୍ୟାୟର ସହିତ କାର୍ଯ୍ୟ ତୁଲାନ୍ତୁ ଓ ନିଜ ହିତରୁ ଉର୍ଦ୍ଧରେ ରହି ସଂସାରର ହିତ ପାଇଁ ଦୃଷ୍ଟି ଦିଅନ୍ତୁ । ଯଦି ଇସ୍‌ଲାମ୍‌ର ଶିକ୍ଷାକୁ ବାସ୍ତବିକ ରୂପେ ଆପଣେଇ ନିଆଯାଏ ତେବେ ବିଶୃଙ୍ଖଳା ଓ ଅଶାନ୍ତିକୁ ସବୁବେଳ ପାଇଁ ରୋକା ଯାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- କିନ୍ତୁ ଆଜି ସାଧାରଣତଃ ମୁସଲ୍‌ମାନ ମାନେ ନିଜ ଧର୍ମର ଶିକ୍ଷା ଉପରେ ଅମଲ କରୁନାହାଁନ୍ତି । ସେଥିଯୋଗୁଁ ସେମାନଙ୍କର ଦେଶ ନିଜ ହାତରୁ ଚାଲିଯାଉଛି । ଏହା ବହୁତ ଦୁଃଖର କଥା ଯେ ଯଦିଚ ମୁସଲ୍‌ମାନ ମାନଙ୍କୁ ପ୍ରତ୍ୟେକ୍ଷ ରୂପେ ଏପରି ଶିକ୍ଷା ଦିଆଯାଇଛି ଯାହା ବିଭିନ୍ନ ଜାତି ଓ ଦେଶମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିପାରିବ । ଏହା ସତ୍ୱେ ମଧ୍ୟ ମୁସଲ୍‌ମାନ ମାନେ ହିଁ ଅଟନ୍ତି ଯେଉଁମାନେ ଅନ୍ୟଠାରୁ ବଳି ନିଜ ନିଜ ଭିତରେ ବିଶ୍ୱାସଘାତକତା କରୁଛନ୍ତି । ଇସ୍‌ଲାମ୍ ତ କେବଳ ନ୍ୟାୟ, ସମାନତା, ସହୃଦୟତା ଓ ବଦାନ୍ୟତାର ଶିକ୍ଷା ଦିଏ । କିନ୍ତୁ ମୁସଲ୍‌ମାନ ଦେଶଗୁଡିକରେ କେବଳ ଲୋଭ ଓ ଘୃଣା ଦେଖିବାକୁ ମିଳୁଛି । କିନ୍ତୁ ଆମେ ଏହା କହିପାରିବା ନାହିଁ ଯେ ଦୁନିଆରେ ଯେଉଁ ଅଶାନ୍ତି ଅନିଶ୍ଚିତତା ଦେଖାଦେଉଛି ତାହାର କାରଣ କେବଳ ମୁସଲ୍‌ମାନମାନେ ଅଟନ୍ତି ବୋଲି । ଦୁନିଆର ବଡ଼ ବଡ଼ ଶକ୍ତି ମଧ୍ୟ ଅନ୍ୟାୟକୁ ନିଜର ପଲିସି ରୂପେ ବ୍ୟବହାର କରି ଦୋଷି ସାବ୍ୟସ୍ତ ହେଉଛନ୍ତି । ଯାହା ଫଳରେ ସଂସାରରେ ଅନ୍ୟାୟ ଅନିତି ବ୍ୟାପି ଚାଲିଛି । ଏହି ବଡ଼ ଶକ୍ତିଶାଳୀ ଦେଶଗୁଡିକ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା ନକରି ନିଜର ଲାଭ ପାଇଁ ଚେଷ୍ଟା ଚଲାଇଛନ୍ତି । ଏବଂ ସେମାନଙ୍କ ଅଶାନ୍ତ ବାତାବରଣର ଲାଭ ଉଠାଉଛନ୍ତି । ଯେପରି କିଛି ଶକ୍ତିଶାଳୀ ଦେଶ ମୁସଲ୍‌ମାନ୍ ଦେଶଗୁଡିକୁ ଅସ୍ତ୍ରଶସ୍ତ୍ର ବିକ୍ରି କରୁଛନ୍ତି ଓ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଇ ସାହାଯ୍ୟ କରୁଛନ୍ତି ।

ହଜୁର୍ ଅନୁୱର ଅ:ବ:ଅ କହିଲେ ଯେ ପାଶ୍ଚାତ୍ୟ ଦେଶରେ ତିଆରି ହୋଇଥିବା ଅସ୍ତ୍ରଶସ୍ତ୍ର ଗୁଡିକୁ ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପଡ଼ିଯାଇଛି । ଏହିପରି ଏ ସବୁ ଫିତ୍‌ନା ବାହ୍ୟ ଶକ୍ତି ଦ୍ୱାରା ପରିଚାଳିତ କରାଯାଉଛି । ଯାହା ମୁଁ କହୁଛି ଏହା କିଛି ନୂଆ କଥା ନୁହେଁ । ଏହା ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଗଲାଣି ।...

ଶେଷରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅଲ୍ଲାହତାଲା କରନ୍ତୁ ଯେ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ଜାତି ଅନ୍ୟର ଅଧିକାରକୁ ପ୍ରଦାନକାରୀ ହୁଅନ୍ତୁ । ଏବଂ ପ୍ରତ୍ୟେକ ପ୍ରକାର ଅନ୍ୟାୟ ଉପରେ ନ୍ୟାୟ ତିଷ୍ଟୁ । ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ଲୋକ ନିଜର ସୃଷ୍ଟି କର୍ତାଙ୍କୁ ଚିହ୍ନୁ । ସେମାନଙ୍କୁ ଏହି ସତ୍ୟର ସନ୍ଧାନ ମିଳିଯାଉ ଯେ ଖୁଦାତାଲା ହିଁ ଅଟନ୍ତି ଯିଏ ସାରା ସଂସାରର ପାଳନକର୍ତା ଅଟନ୍ତି ଓ ଅତ୍ୟନ୍ତ ଦୟାଳୁ ଓ କୃପାଳୁ ଅଟନ୍ତି । ସେ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ବିଶ୍ୱାସକାରୀ ଗୋଷ୍ଠୀଙ୍କପାଇଁ ଇଚ୍ଛା କରୁଛି ଯେ ସେମାନେ ଏ ସଂସାରରେ ମିଳିମିଶି ରୁହନ୍ତୁ । ଏବଂ ପ୍ରତ୍ୟେକ ଲୋକ ତାର ଦୟା, କୃପା ଓ ପ୍ରେମଦ୍ୱାରା ମିଳିମିଶି ଶାନ୍ତିରେ ଏକତ୍ରିତ ହୋଇ ରୁହନ୍ତୁ । ଅଲ୍ଲାହତାଲା କରନ୍ତୁ ଯେ ଏହି ଆଧ୍ୟାତ୍ମିକତା ସଂସାରରେ ଜନ୍ମ ନେଉ । ଅଲ୍ଲାହ କରନ୍ତୁ ଯେ ଆମେ ଆମ ଜୀବଦଶାରେ ବାସ୍ତବିକ ଶାନ୍ତିକୁ ପରିଲକ୍ଷିତ ଓ ଉପଭୋଗ କରୁ । ଏହି ଶବ୍ଦଗୁଡିକ ସହିତ ମୁଁ ପୁଣି ଆଉଥରେ ଆପଣମାନଙ୍କୁ ଧନ୍ୟବାଦ ଦେଉଛି ଯେ ଆପଣ ଏହି ସିମ୍ପୋଜିୟମ୍‌କୁ ଆସିଲେ ଓ ଶୁଣିଲେ । ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୁୱର୍ ଅ:ବ:ଅ ଏହି ଭାଷଣ ୬:୧୮ ପର୍ଯ୍ୟନ୍ତ ଜାରି ରଖିଲେ । ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଭାଷଣ ଶେଷ ହେବା ମାତେ ଅତିଥିଗଣ ବହୁତ ସମୟ ପର୍ଯ୍ୟନ୍ତ ତାଲିମାରି ନିଜର ଭାବନା ବ୍ୟକ୍ତ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଏହାପରେ ରାତ୍ରିଭୋଜନର ବ୍ୟବସ୍ଥା କରାଗଲା । ସମସ୍ତ ଅତିଥିମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ମିଶି ରାତ୍ରିଭୋଜନ କଲେ ।

ରାତ୍ରିଭୋଜନ ପରେ ଅତିଥିମାନେ ଜଣକ ପରେ ଜଣେ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ ପାଇଁ ଆସିଲେ । ପ୍ରତ୍ୟେକ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁୱର୍ ଅ:ବ:ଅ ସମସ୍ତଙ୍କ ସହିତ ବାର୍ତାଳାପ କଲେ । ଅତିଥିମାନଙ୍କ ସହିତ ଏହି ସାକ୍ଷାତକାରର ପ୍ରୋଗ୍ରାମ୍ ପାଖାପାଖି ଏକ ଘଂଟା ୨୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । **(ବ ହୱାଲା ଅଖ୍‌ବାର୍ ବଦର, ୧୯ ଜାନୁଆରୀ-୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 29 JUNE 2017 Issue No. 26

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

## କାନାଡ଼ାର ୱାନ୍ ଠାରେ ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ ।

**ଦେଶଗୁଡିକ ନିଜ ବ୍ୟବସ୍ଥାରେ ନ୍ୟାୟର ସହିତ କାର୍ଯ୍ୟ ତୁଲାନ୍ତୁ ଓ ନିଜ ହିତରୁ ଉର୍ଦ୍ଧ୍ୱରେ ରହି ସଂସାରର ହିତ ପାଇଁ ଦୃଷ୍ଟି ଦିଅନ୍ତୁ । ଯଦି ଇସ୍‌ଲାମ୍‌ର ଶିକ୍ଷାକୁ ବାସ୍ତବିକ ରୂପେ ଆପଣେଇ ନିଆଯାଏ ତେବେ ବିଶୃଙ୍ଖଳା ଓ ଅଶାନ୍ତିକୁ ସବୁବେଳ ପାଇଁ ରୋକା ଯାଇପାରିବ ।**

## ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଏହି ସିମ୍ପୋଜିୟମ୍‌ରେ ଯୋଗଦାନ ଓ ଆପଣଙ୍କ ହୃଦୟସ୍ପର୍ଶୀ ଭାଷଣ

### ୨୨ ଅକ୍ଟୋବର ୨୦୧୬ (ଶନିବାର) ହଜୁର ଅନୁୱର ଅ:ବ:ଅଙ୍କ ବଲକା ଭାଷଣ

ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଦୁନିଆର ଇତିହାସ ଦେଖିଲେ ଜଣାପଡୁଛି ଯେ ପୂର୍ବେ ମଧ୍ୟ ଜାତି ଜାତି ମଧ୍ୟରେ ଝଗଡ଼ା ଥିଲା । କିନ୍ତୁ ବଡ଼ ଦୁଃଖର ବିଷୟ ଏହା ଯେ ବର୍ତମାନ ସମୟରେ ମଧ୍ୟ ତାହା ଜାରି ରହିଛି । ଏହି ସବୁ ସମସ୍ୟାର ସମାଧାନ ପାଇଁ ପବିତ୍ର କୋରାନ୍ ସୁରା ମାଏଦାର ଆୟତ ନଂ-୯ରେ ଧୈର୍ଯ୍ୟ ଓ ସହନଶୀଳତାର ଗୋଟିଏ ଚିରସ୍ଥାୟୀ ସିଦ୍ଧାନ୍ତ ବର୍ଣ୍ଣନା କରିଛି । ତେଣୁ ପବିତ୍ର କୋରାନ୍ କହେ ଶତ୍ରୁତା ଓ ଘୃଣା ଅନ୍ୟାୟ ଓ ପ୍ରତିଶୋଧର ବହ୍ନି ଦ୍ୱାରା ବଦଳି ନଯାଉ । ବରଂ ନ୍ୟାୟ ହିଁ ସେହି ଉତମ ମାର୍ଗ ଯାହା ତକ୍‌ୱା (ସତ୍‌ପଥ) ଓ ଅଲ୍ଲାଃତାଲାଙ୍କ ନିକଟତର କରାଇଥାଏ ।

ପବିତ୍ର କୋରାନ୍‌ର ସୁରା ଅନ୍‌ଫାଲ୍ ଆୟତ୍ ନଂ-୬୨ରେ କୁହାଯାଇଛି ଯେ ମୁସଲ୍‌ମାନ ମାନଙ୍କର ଏହା କର୍ତବ୍ୟ ହେବା ଉଚିତ୍ ଯେ ସେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିରନ୍ତର ଚେଷ୍ଟା ଚଲାଉ ଓ ଏହି କାର୍ଯ୍ୟ ପାଇଁ କୈାଣସି ପ୍ରକାର ସୁଯୋଗକୁ ହାତଛଡ଼ା ନକରୁ । ଏହି ଆୟତ୍‌ରେ ବର୍ଣ୍ଣନା କରାଯାଇଛି ଯେ କୈାଣସି ଯୁଦ୍ଧ ବା ଲଢ଼େଇ ପରେ ଯଦି ବିପକ୍ଷ ଗୋଷ୍ଠୀ ସୁଲାହ (ସମାଧାନ) କରିବା ପାଇଁ ହାତ ବଢ଼ାଏ ତେବେ ଆପଣଙ୍କୁ ଏହି ସୁଯୋଗରୁ ପୁରା ଲାଭ ଉଠାଇବା ଉଚିତ୍ । ଏହାର ପରବର୍ତୀ ଆୟତ୍‌ରେ ପବିତ୍ର କୋରାନ୍ ବର୍ଣ୍ଣନା କରିଛି ଯେ ଯଦି ତୁମକୁ ଜଣାପଡ଼େ ଯେ ବିପକ୍ଷ ଗୋଷ୍ଠୀର ନିୟତରେ କିଛି ଶଙ୍କା ଅଛି ଓ ସେମାନେ ଧୋକା ଦେବାପାଇଁ ଚେଷ୍ଟା କରୁଛନ୍ତି ବୋଲି ଏହା ସବୁ ଜାଣି ମଧ୍ୟ ତୁମେ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରିଚାଲ । ତେଣୁ ଯେକୈାଣସି ପରିସ୍ଥିତିରେ ଯେଉଁଠି ଓ ଯେବେ ମଧ୍ୟ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଯଦି କୈାଣସି ଛୋଟିଆ ଆଭାଷ ମିଳେ ବା ଅଣୁ ମାତ୍ରାରେ ଆଶା ସଂଚାର ହୁଏ, ମୁସଲ୍‌ମାନ୍ ମାନଙ୍କୁ ତାଗିଦ୍ ହୁକୁମ୍ ଦିଆଯାଇଛି ଯେ ସେ ବିନା କୈାଣସି ଭୟରେ ପୁରା ସଂକଳ୍ପର ସହିତ ଏହି ଅବସରରୁ ଲାଭ ଉଠାନ୍ତୁ । ଶାନ୍ତିର ଏହି ମାର୍ଗରୁ ଅପସରି ଯିବା ପାଇଁ କୈାଣସି ପ୍ରକାର ବାହାନା ବା କାରଣ ନ ଖୋଜନ୍ତୁ ।

ହଜୁର୍ ଅନୁୱର ଅ:ବ:ଅ କହିଲେ- ଏହା ଇସ୍‌ଲାମ୍‌ର ଶିକ୍ଷା ଅଟେ ଓ ଏହା ରସୁଲେ କରିମ୍ ସ:ଆ:ସଙ୍କ ପବିତ୍ର ଅମଲ ଅଟେ । ଇତିହାସ ଏହି ସତ୍ୟତାର ସାକ୍ଷୀ ଦିଏ ଯେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ରସୁଲେ କରିମ୍ ସ:ଆ:ସଙ୍କ ବ୍ୟକ୍ତିତ୍ୱ ଅଦ୍ୱିତୀୟ ଓ ଆପଣଙ୍କ ମୁକାବିଲା କେହି କରିପାରିବେ ନାହିଁ । ଯଦି କୈାଣସି ବ୍ୟକ୍ତି ନ୍ୟାୟିକ ଦୃଷ୍ଟିରେ ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗକୁ ଦେଖିବ ତେବେ ସେ ଜାଣିନେବ ଯେ ଆଁ ହଜ୍‌ରତ୍ ସ:ଆ:ସ ଓ ତାଙ୍କ ଖଲିଫାଙ୍କ ସମୟରେ ଯେଉଁ ଯୁଦ୍ଧ ହୋଇଥିଲା ତାହା ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ଯୁଦ୍ଧର ଆରମ୍ଭ କଦାପି ମୁସଲମାନଙ୍କ ତରଫରୁ ହୋଇନାହିଁ । ଯଦି ଚ ଶତ୍ରୁ ମୁସଲ୍‌ମାନଙ୍କ ଉପରେ ଅତ୍ୟାଚାର ଉପରେ ଅତ୍ୟାଚାର କରିଚାଲିଥିଲା । ଆଁ ହଜ୍‌ରତ୍ ସ:ଆ:ସ ସର୍ବଦା ଶାନ୍ତି ପ୍ରତିଷ୍ଠା ଓ ସୁଲ୍‌ହା କରିବା ପାଇଁ ଚେଷ୍ଟା କରି ଆସୁଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯୁଦ୍ଧ ଓ ଲଢ଼େଇକୁ ଖତମ୍ କରିବ ପାଇଁ ପବିତ୍ର କୋରାନ୍ ସୁରା ମୁହମ୍ମଦ୍‌ର ୫ନମ୍ବର୍ ଆୟତରେ ଗୋଟିଏ ସ୍ୱର୍ଣ୍ଣିମ ସିଦ୍ଧାନ୍ତ (ଅସୁଲ୍) ବର୍ଣ୍ଣନା କରିଛି । ପବିତ୍ର କୋରାନ୍ କଡ଼ା ନିର୍ଦ୍ଦେଶ ଦେଇଛି ଯେ ଯୁଦ୍ଧ ଶେଷ ହୋଇଯିବା ପରେ ବିଜୟୀ ପକ୍ଷ ପାଇଁ ଏହା ସର୍ବୋତମ ହେବ ଯେ ସେ ଦୟା ପରବଶ ହୋଇ ସମସ୍ତ କଏଦୀଙ୍କୁ ମୁକ୍ତ କରିଦେଉ । ଅର୍ଥାତ୍- ସେ ସମସ୍ତ ଗୁଲାମ୍ ମାନଙ୍କ ନିକଟରୁ ଉଚିତ୍ ଫିଦିଆ (ମୁକ୍ତି ପ୍ରତିଦାନ) ନେଇ ମୁକ୍ତ କରିଦେଉ ବା ଦୟାକର ଛାଡ଼ିଦେଉ । କିନ୍ତୁ ଆମେ ସମସ୍ତେ ବର୍ତମାନ ଦେଖୁଛେ ଯେ କଏଦୀମାନଙ୍କୁ କିପରି ବର୍ଷ ବର୍ଷ ଧରି ଅମାନୁସିକ ଅବସ୍ଥାରେ ରଖାଯାଉଛି ଓ ସେମାନଙ୍କୁ କୋଚିତ୍ ନ୍ୟାୟ ମିଳୁଛି ବା ମୁକ୍ତ କରାଯାଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଦେଖନ୍ତୁ ବଦର୍ ଯୁଦ୍ଧ ଯାହା ଏକ ମହାନ୍ ଯୁଦ୍ଧ ଥିଲା, ସେଥିରେ ମକାର ଅଣ ମୁସଲମାନ୍‌ମାନେ ସବୁବେଳ ପାଇଁ ଇସ୍‌ଲାମ୍‌କୁ ନିପାତ କରିବାକୁ ଚାହିଁଥିଲେ । ସେହି ଯୁଦ୍ଧରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ବହୁତ ସହୃଦୟତା ଓ ଦୟାର ଆଚରଣ କରିଥିଲେ । ପ୍ରତିଶୋଧ ନେବା ପରିବର୍ତେ ଆପଣ ଯେଉଁ ଦଣ୍ଡ ବିଧାନ କଲେ ତାହା ଭବିଷ୍ୟତରେ ଦୁଇଟି ପରସ୍ପର ବିରୋଧି ଗୋଷ୍ଠୀଙ୍କ ମଧ୍ୟରେ ଏକତା ସୃଷ୍ଟି କରିବା ପାଇଁ ଏକ ଉତମ ଦୃଷ୍ଟାନ୍ତ ଥିଲା । କଏଦୀମାନଙ୍କ ଉପରେ ଅତ୍ୟାଚାର କରିବା ବା ପ୍ରତିଶୋଧ ନେବା ପରିବର୍ତେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଯେଉଁ କଏଦୀ ପଢ଼ିବା ବା ଲେଖିବା ଜାଣିଛନ୍ତି ସେମାନେ ଅପାଠୁଆ ଓ ଅଶିକ୍ଷିତ ମୁସଲ୍‌ମାନମାନଙ୍କୁ ପଢ଼ାନ୍ତୁ । ଫଳସ୍ୱରୂପ ଜ୍ଞାନ ବିତରଣ କରିବା ଯୋଗୁଁ ତାଙ୍କୁ ମୁକ୍ତ କରିଦିଆଯିବ । ଏପରି ଦୃଷ୍ଟାନ୍ତ ବିରଳ ଅଟେ ଯେ କିପରି ଯୁଦ୍ଧ ଓ ଅଶାନ୍ତ ସମୟରେ ମଧ୍ୟ ଏକ ଉତମ ଫଳ ମିଳୁଛି । ଯେଉଁମାନେ ମୁସଲ୍‌ମାନଙ୍କ ସହିତ ଆକ୍ରୋଶ ମନୋଭାବ ରଖୁଥିଲେ ତାଙ୍କ ସହିତ ଦୟାଶୀଳ ବ୍ୟବହାର କରାଗଲା ଏବଂ ତାଙ୍କଠାରୁ ଶିକ୍ଷା ଗ୍ରହଣ କରାଗଲା । ଏଥିରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ରର ଦୁଇଟି ବିଶେଃଷ ପାର୍ଶ୍ୱ ସ୍ପଷ୍ଟ ହେଉଛି । ଗୋଟିଏ ଏହା ଯେ ଆପଣ ସ:ଆ:ସ ନା ତ ସେମାନଙ୍କ ଠାରୁ ପ୍ରତିଶୋଧ ନେଲେ ନା ସେମାନଙ୍କ ସହିତ ଅସଦ୍ ବ୍ୟବହାର କଲେ, ଯେଉଁମାନେ ଆପଣ ସ:ଆ:ସ ଓ ଆପଣଙ୍କ ସାହାବାଙ୍କ ଉପରେ ଅତ୍ୟାଚାର କରିଥିଲେ । ଦ୍ୱିତୀୟଟି ଏହା ଯେ ଆପଣ ପ୍ରମାଣ କରିଦେଲେ ଯେ ଆପଣଙ୍କ ନିକଟରେ ଶିକ୍ଷା ଓ ସଂସ୍କାରର ବହୁତ ଗୁରୁତ୍ୱ ଥିଲା । ଆପଣଙ୍କ ଅଭିଳାସ ଥିଲା ଯେ ଲୋକମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି କରନ୍ତୁ । ଏବଂ ଏହାର ଆଧାର ଶିକ୍ଷା ଉପରେ ନିହିତ ଥିଲା । କୈାଣସି ସାଂସାରିକ ବ୍ୟକ୍ତି ଏପରି ଭାବିପାରିବ ନାହିଁ । ନିଶ୍ଚିତ ରୂପେ ଆପଣ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan